## ସଂକ୍ଷେପରେ

### ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଲେ ଗାଳ୍ପିକ କାଳିନ୍ଦୀ



ଆଳି,୯।୫(ଡି.ଏନ.ଏ.): ଆଳି ଅଞ୍ଚଳର ସାହିତ୍ୟିକ, ଶତାଧିକ ଗଳ୍ପର ସ୍ରଷ୍ଟା, ଅନେକ ଉପନ୍ୟାସର ଲେଖକ କାଳିନ୍ଦୀ ଚରଣ ଜେନା ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି। ଏହି ଉପଲକ୍ଷେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ପ୍ରବୋଧ ରାଉତ, ସଂସ୍କୃତି ନିର୍ଦ୍ଦେଶକ ଦିଲୀପ ରାଉତରାୟ, ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଜେନାଙ୍କୁ ମାନପତ୍ର, ଅଙ୍ଗବସ୍ତ୍ର ଓ ଏକ ଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଜେନା ଦୀର୍ଘ ଦଶନ୍ଧି ଧରି କଲମ ଚାଳନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ପ୍ରତିକୂଳ ପରିବେଶରେ ସାହିତ୍ୟ ରଚନା କରିବା ଯେ କେତେ କଷ୍ଟ ତାହା ସେ ଅଙ୍ଗେ ଲିଭେଇଥିବା କଥା ପ୍ରକାଶ କରଛନ୍ତି। ଓଡ଼ିଶାର କୋଣ ଅନୁକୋଣରେ ପ୍ରକାଶିତ ସାହିତ୍ୟ ପତ୍ରିକାରେ ତାଙ୍କର ଲେଖା ପ୍ରକାଶିତ। ଲେଖନୀ ଚାଳନା କରି ସେ ସମଗ୍ର ଓଡ଼ିଶାରେ ନିଜର ଯେଉଁ ସ୍ଥାନ ତିଆରି କରିଥିଲେ ସେହି କାର୍ଯ୍ୟର ଫଳ ସ୍ୱରୂପ ସେ ସାହିତ୍ୟ ଏକାଡେମୀ ପୁରସ୍କାରରେ ମଣ୍ଡିତ ହୋଇଛନ୍ତ। ତାଙ୍କର ଏହି ସମ୍ବର୍ଦ୍ଧନା ଆଳି ଅଞ୍ଚଳର ସାହିତ୍ୟିକମାନଙ୍କ ମଧରେ ଆନନ୍ଦ ଆଣି ଦେଇଛ। ଏପରି ଉଚ୍ଚ ପୁରସ୍କାର ପ୍ରାପ୍ତ ହୋଇ ସେ ଆଳି ଅଞ୍ଚଳ ପାଇଁ ଗୌରବ ଆଣି ଥିବାରୁ ବୁଦ୍ଧିଜୀବୀ ମହଲରେ ତାଙ୍କୁ ସ୍ୱାଗତ କରାଯାଇଛି। ଏହା ପୂର୍ବରୁ ଜେନା ଓଡ଼ିଶାର କୋଣ ଅନୁକୋଣରେ ଥିବା ଶତାଧିକ ସାହିତ୍ୟ ଅନୁଷ୍ଠାନ ଦ୍ୱାରା ମଧ ସମ୍ବର୍ଦ୍ଧିତ ହୋଇଛନ୍ତି।

### ରୁଦ୍ରେଶ୍ୱର ମନ୍ଦିରରେ ରୁଦ୍ରାଭିଷେକ



ରଘୁନାଥପୁର,୯।୫(ଡି.ଏନ୍.ଏ.): ରଘୁନାଥପୁର ବ୍ଲକ ରଘୁନାଥପୁର ବ୍ଲକ କୋରକୋରାସ୍ଥିତ ଶ୍ରୀରୁଦ୍ରେଶ୍ୱର ମହାଦେବଙ୍କ ମନ୍ଦିରରେ ୨୧ ଦିନ ବ୍ୟାପୀ ଚାଲିଥିବା ରୁଦ୍ରାଭିଷେକ ଓ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ସମ୍ପନ୍ନ ହୋଇଛି। ଗତ ଏପ୍ରିଲ ୧୮ରୁ ରୁଦ୍ରାଭିଷେକ ଆରମ୍ଭ ହୋଇଥିଲା। ଶୁକ୍ରବାର ବୈଶାଖ ପୂର୍ଣ୍ଣମାରେ ଯଜ୍ଞ ଆରମ୍ଭ ହୋଇଥିଲା। ଏ ନେଇ ସ୍ଥାନୀୟ ମହାନଦୀ ଘାଟରୁ ଶତାଧିକ ଭକ୍ତ ଘଣ୍ଟବାଦ୍ୟ ସହ କଳସ ଶୋଭାଯାତ୍ରାରେ ଆସି ଘଟ ସ୍ଥାପନ କରାଯାଇଥିଲା। ଏହାପରେ ଅଙ୍କୁରରୋପଣ, ମଣ୍ଡଳାଧୀକରଣ, ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡଳାଧିପୂଜା ଆଦି କରାଯାଇ ଅଗ୍ନିସ୍ଥାପନ କରାଯାଇ ଆହୁତି ପ୍ରଦାନ କରାଯାଇଥିଲା। ସୋମବାର ରାତିରେ ଯଥାବିଧି ଅନୁସାରେ ମନ୍ତ୍ରପାଠ ଧ୍ୱନିରେ ପୂର୍ଣ୍ଣାହୁତି ସମାପନ ହୋଇଛି। ଯଜ୍ଞାଚାର୍ଯ୍ୟ ପଣ୍ଡିତ ମଧୁସୂଦନ ପଣ୍ଡା, ମନୋରଞ୍ଜନ ଷଡ଼ଙ୍ଗୀ, ରାଜକିଶୋର ଷଡ଼ଙ୍ଗୀ, ସଚ୍ଚିଦାନନ୍ଦ ତ୍ରିପାଠୀ, ଦେବାଚାର୍ଯ୍ୟ ଶଶିକାନ୍ତ ମହାପାତ୍ର, ଶରତ କୁମାର ଦାଶ ଯଜ୍ଞକାର୍ଯ୍ୟରେ ନିୟୋଜିତ ହୋଇଥିଲେ। କୋରକରା, ପଣ୍ଡୁଆ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ହରି ସାହୁ, ଶାନ୍ତନୁ ପାତ୍ର, ରବୀନ୍ଦ୍ର ପାତ୍ର, ସୁକାନ୍ତ ଦାସ, ଜିତେନ୍ଦ୍ର ଦାସ, ରବୀନ୍ଦ୍ର ମହାନ୍ତି, ମଦନ ରାଉତ, ରଞ୍ଜନ ରାଉତ ଓ ସନାତନ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ୧୦ ବିଷୟରେ ଖୋଲିବ ପିଜି ପାଠ୍ୟକ୍ରମ

**ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ**

- ଯୁକ୍ତ ୩ର ୩ଟି ବିଷୟରେ ଅନର୍ସ ଖୋଲିବାକୁ ସ୍ୱୀକୃତି
- ମୋଟ ସିଟ୍ ସଂଖ୍ୟା ୩୫୨କୁ ବୃଦ୍ଧି

ଜଗତ୍‌ସିଂହପୁର ଅଫିସ, ୯।୫

ଦୀର୍ଘ ବର୍ଷ ପରେ ଜଗତ୍‌ସିଂହପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ସ୍ମାରକ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟରେ ବଡ ଧରଣର ପରିବର୍ତ୍ତନ ହେବାକୁ ଯାଉଛି। ନୂଆକରି ୧୦ଟି ବିଷୟରେ ସ୍ନାତକୋତ୍ତର (ପିଜି) ଖୋଲିବା ନେଇ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅନୁମତି ଦେଇଛି। ସେଗୁଡିକ ହେଲା ଇଂଲିଶ୍, ଇତିହାସ, ଅର୍ଥନୀତି, ରାଜନୀତି ବିଜ୍ଞାନ, ସଂସ୍କୃତ, ଓଡ଼ିଆ, ଦର୍ଶନଶାସ୍ତ୍ର, ସାମ୍ବାଦିକତା ଓ ଗଣଯୋଗାଯୋଗ, କର୍ପୋରେଟ୍ ଆକାଉଣ୍ଟିଂ ଓ ଫାଇନାନ୍ସ କଣ୍ଟ୍ରୋଲ। ପ୍ରତ୍ୟେକ ବିଷୟରେ ୧୬ଟି ଲେଖାଏ ସିଟ୍ ରହିଛି। ଏଥିସହ ଯୁକ୍ତ ୩ରେ ନୂତନ କରି ସମାଜ ବିଜ୍ଞାନ, ମନସ୍ତତ୍ତ୍ୱ ବିଜ୍ଞାନ ଓ ଭୂଗୋଳରେ ସମ୍ମାନ (ଅନର୍ସ) ଖୋଲିବାକୁ ସ୍ୱୀକୃତି ମିଳିଛି। ପ୍ରତ୍ୟେକ ବିଭାଗରେ ୩୨ଟି ଲେଖାଏ ସିଟ୍ ମଞ୍ଜୁର ହୋଇଛି। ଏହି ୯୬ଟି ସିଟ୍‌କୁ ମିଶାଇ ଯୁକ୍ତ ୩ରେ ମୋଟ ସିଟ୍ ସଂଖ୍ୟା ୨୫୬ରୁ ୩୫୨କୁ ବୃଦ୍ଧି ପାଇଛି। ପୂର୍ବରୁ ମହାବିଦ୍ୟାଳୟରେ ସେଲ୍ଫ ଫାଇନାନ୍ସିଂ କୋର୍ସ ହିସାବରେ ଏମ୍‌ବିଏ, ଏମଏସ୍‌ସି କମ୍ପ୍ୟୁଟର ସାଇନ୍ସ ଓ ବିଏସ୍‌ସି ଆଇଟିଏମ୍‌ରେ ୬୪ ଲେଖାଏ ସିଟ୍ ରହିଛି। ମଙ୍ଗଳବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏଥିରେ ସରକାରୀ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ମହାବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତ ଉଦ୍ୟମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେ କହିଥିଲେ, ଅତୀତରେ ଯେତେବେଳେ ସେ ଏହି ମହାବିଦ୍ୟାଳୟ ଛାତ୍ର ଥିଲେ ସେତେବେଳେ ପିଜି ଓ ବିଏଡ୍ ଥିଲା। ସେତେବେଳେ ମହାବିଦ୍ୟାଳୟର ନାଁ ଓଡ଼ିଶାରେ ବହୁତ ଭଲ ଥିଲା । କାଳକ୍ରମେ ପିଜି ପାଠ୍ୟକ୍ରମ ବନ୍ଦ ହୋଇଯାଇଥିଲା। ଏବେ ଏହି ଅଭାବ ଦୂର ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଅନୁଷ୍ଠାନର ଶ୍ରେଣୀ ଗୃହ, ଆଲୋକୀକରଣ, ଛାତ୍ରାବାସ ନିର୍ମାଣ, ପାଠାଗାର ଉନ୍ନତୀକରଣ ଓ ବିଜ୍ଞାନାଗାରର ଆଧୁନିକୀକରଣ ପାଇଁ ଗୁରୁତ୍ୱାରୋପ କରାଯାଉଛି ।



ଖବରଦାତା ସମ୍ମିଳନୀରେ ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଅନ୍ୟମାନେ।

ନିକଟ ଭବିଷ୍ୟତରେ ମହାବିଦ୍ୟାଳୟ ରୂପରେଖରେ ବଡ ଧରଣର ପରିବର୍ତ୍ତନ ହେବାକୁ ଯାଉଛି। ଚଳିତବର୍ଷ ପିଜି କାଉନସିଲ, ଯୁକ୍ତ ୨ ଓ ଯୁକ୍ତ ୩ ପାଇଁ ପୃଥକ୍ ବିଲ୍ଡିଂ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏହା ପରିସରରେ ବିଶ୍ୱସ୍ତରୀୟ ସ୍ପୋର୍ଟସ୍ କମ୍ପ୍ଲେକ୍ସ ନିର୍ମାଣ କାମ ଚାଲିଛି । କଲେଜର ନାକ୍ ଆକ୍ରିଡେସନ୍ ଓ ଅଟୋନମସ୍ ବଞ୍ଚାଇ ରଖିବାକୁ ସମସ୍ତ ଉଦ୍ୟମ ହେଉଛି। କିନ୍ତୁ ମହାବିଦ୍ୟାଳୟ ପକ୍ଷରୁ ଏନେଇ କଠିନ ପରୀକ୍ଷାରେ ପାସ କରିବାକୁ ପଡିବ ବୋଲି ସେ କହିଥିଲେ । ଏହି ଅବସରରେ ଅଧ୍ୟକ୍ଷ ବିଜୟ କୁମାର ପାତ୍ର କହିଥିଲେ, ଅନୁଷ୍ଠାନରେ ସ୍ନାତକୋତ୍ତର ଶ୍ରେଣୀ ଖୋଲିବା ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲା। ସୌଭାଗ୍ୟ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କ ପତ୍ର ଅନୁଯାୟୀ ପ୍ରଥମ କରି ୧୦ଟି ବିଷୟରେ ସ୍ନାତକୋତ୍ତର ଶ୍ରେଣୀ ଖୋଲିବାକୁ ଯାଉଛି । ଯାହା ପ୍ରତ୍ୟେକଙ୍କ ଭିତରେ ଖୁସି ଭରିଦେଇଛି । ମହାବିଦ୍ୟାଳୟରେ ଯୁକ୍ତ ୨ ଓ ଯୁକ୍ତ ୩ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଶିକ୍ଷାଲାଭ କରୁଛନ୍ତି । ଏହି ବିକାଶ ଧାରାକୁ ଆଗକୁ ନେବା ପାଇଁ ପ୍ରତ୍ୟେକଙ୍କ ସହଯୋଗ ଦରକାର। ଖୁବଶୀଘ୍ର ସାମ୍ ପୋର୍ଟାଲରେ ମହାବିଦ୍ୟାଳୟକୁ ୨୦୨୩-୨୪ ଶିକ୍ଷାବର୍ଷଠାରୁ ନୂତନ ବିଷୟରେ ସଂଯୋଜିତ କରାଯିବ। ସଂସ୍କୃତ ଅଧ୍ୟାପକ ଡ. ଶୁଭେନ୍ଦୁମୌଳି ନନ୍ଦ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଓକାକ୍ ସହ ଯୋଗସୂତ୍ର ରକ୍ଷା କରିବା ପାଇଁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପିଜି କାଉନସିଲ, ପାଠ୍ୟକ୍ରମ କମିଟି, ଅନୁମୋଦନ କମିଟି, ସହବନ୍ଧନ କମିଟି ତଥା ପ୍ରାଧ୍ୟାପକ ନିଯୁକ୍ତି କାର୍ଯ୍ୟ ପରିଚାଳନା ସମିତି ସହାୟତାରେ ସମ୍ପାଦନ କରାଯିବ। ଏଥିପାଇଁ ନିୟମାନୁଯାୟୀ ଆବଶ୍ୟକୀୟ ଅର୍ଥ ରାଶି ସରକାରଙ୍କଠାରୁ ଅନୁବନ୍ଧିତ କରାଯାଇ ସ୍ଥାୟୀ ଜମା ରଖାଯିବ। ବିଶ୍ୱବ୍ୟାଙ୍କ ସହାୟତାରେ ନବନିର୍ମିତ ଶ୍ରେଣୀଗୃହରେ ସ୍ନାତକୋତ୍ତର ଶ୍ରେଣୀ ଆରମ୍ଭ ହେବ। ବିଧିବଦ୍ଧ ନାମଲେଖା ପ୍ରକ୍ରିୟା ସରିବା ପରେ ସ୍ୱତନ୍ତ୍ର ପିଜି ୱେବସାଇଟ୍ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ନୂତନ ଶିକ୍ଷାବର୍ଷର ପାଠ୍ୟଖସଡା ଓ ଶିକ୍ଷାଦାନ ସମୟ ନିର୍ଘଣ୍ଟ ଜଣାଇ ଦିଆଯିବ। ଓଡ଼ିଶା ସରକାରଙ୍କ ଏକକ ପିଜି ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଏଠାରେ ନାମଲେଖାଇବାର ସୁଯୋଗ ମିଳିବ। ଦୂରଦୂରାନ୍ତରୁ ଆସୁଥିବା ଉଭୟ ଛାତ୍ରୀଛାତ୍ରଙ୍କ ପାଇ ଛାତ୍ରୀ ଓ ଛାତ୍ରାବାସ ସୁବିଧା ଯୋଗାଇ ଦିଆଯିବ ବୋଲି ଅଧ୍ୟକ୍ଷ ପାତ୍ର କହିଥିଲେ। ରାଜନୀତି ବିଜ୍ଞାନ ମୁଖ୍ୟ ପ୍ରଶାନ୍ତ କୁମାର ବେହେରା ଓ ଓଡ଼ିଆ ବିଭାଗ ମୁଖ୍ୟ ଡ. ଜ୍ୟୋତିରଞ୍ଜନ ସାମଲ ସମ୍ମିଳନୀ ପରିଚାଳନା କରିଥିବା ବେଳେ ଶେଷରେ ସଂସ୍କୃତ ବିଭାଗ ମୁଖ୍ୟ ବିଜୟ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

### ସ୍ୱାସ୍ଥ୍ୟ, ଯୋଗ, ଆରୋଗ୍ୟ କର୍ମଶାଳା ଉଦ୍‌ଯାପିତ

ରାଜନଗର, ୯।୫(ଡି.ଏନ.ଏ.)

ରାଜନଗର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ୫ ଦିନିଆ ସ୍ୱାସ୍ଥ୍ୟ, ଯୋଗ ଓ ଆରୋଗ୍ୟ କର୍ମଶାଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ଅଧୀନରେ ରାଜ୍ୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା କୋମଳମତି ଶିଶୁମାନଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶ ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକମାନେ ଏ ଦିଗରେ କିଭଳି ଶିକ୍ଷାଦାନ କରିବେ ଏବଂ ଶିଶୁମାନଙ୍କର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କ୍ଷେତ୍ରରେ ପ୍ରାଥମିକତା ଭିତ୍ତିରେ ଯୋଗ ଶିକ୍ଷା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କର୍ମଶାଳାରେ ୧୦୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସକ ଡା. ଆଦିତ୍ୟ କୁମାର ପ୍ରଧାନ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତି ଓ ଖବରଦାତା ଭାସ୍କର ରାଉତରାୟ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ନେଉଥିବା ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ।

# ଅଭିଯୋଗ ପରେ ଜଙ୍ଗଲ ବିଭାଗର ଯାଞ୍ଚ

**ବେଳାଭୂମିରୁ ବାଲି, ପାଣି, ଗଛ ଲୁଟ୍ ଘଟଣା**

- ମାନବ ସମ୍ବଳ ନ ଥିବାରୁ ଏପରି ହେଉଛି
- ଫରେଷ୍ଟ ବିଟ୍ ହାଉସ ନବୀକରଣ ହେଲେ ସମାଧାନ ଆଶା

ପାରାଦୀପ,୯।୫(ସ୍ୱ.ପ୍ର.)

ପାରାଦୀପ ବତୀଘର ନିକଟସ୍ଥ ସମୁଦ୍ର ବେଳାଭୂମିଠାରୁ ଜଟାଧାରମୁହାଣ ପର୍ଯ୍ୟନ୍ତ ଅଞ୍ଚଳରେ ଗତ କିଛି ଦିନ ହେଲା ଅବାଧରେ ବାଲି, ପାଣି ଓ ଜଙ୍ଗଲ ଗଛ ଲୁଟ୍ ଚାଲିଛି। ଏ ସମ୍ପର୍କରେ ଗଣମାଧ୍ୟମରେ ଏକାଧିକ ବାର ଖବର ପ୍ରକାଶ ପାଇଲାଣି। ଏସବୁ ଖବରକୁ ନେଇ ଆହ୍ୱାନ କମ୍ବାଇନ୍ସ ନାମକ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଜଙ୍ଗଲ ଓ ପରିବେଶ ବିଭାଗ, ଜଗତ୍‌ସିଂହପୁର ଜିଲା ପ୍ରଶାସନ, ଜଳସମ୍ପଦ ବିଭାଗଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲା। ଏନେଇ ମଙ୍ଗଳବାର ସକାଳେ ଜଙ୍ଗଲ ଓ ପରିବେଶ ବିଭାଗର ୪ ଜଣିଆ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛନ୍ତି। କୁଜଙ୍ଗ ବନାଞ୍ଚଳ ଅଧିକାରୀ ରଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ଏହି ଟିମ୍ ଆସି ହନୁମାନ ମନ୍ଦିର ପାଖରୁ ବାଲି ଉଠାଯାଉଥିବା ଦେଖିଥିଲେ। ତା'ପରେ ସେମାନେ ଷଣ୍ଢକୁଦ ଫରେଷ୍ଟ ବିଟ୍ ହାଉସ ପାଖକୁ ଯାଇଥିଲେ। ସେଠାରେ କଟାଯାଇଥିବା ଝାଉଁଗଛ ମୂଳ ଦେଖିଥିଲେ। ସେଠାରୁ ତୈଳ ବିଶୋଧନାଗାର ସାଉଥଗେଟ୍ ପର୍ଯ୍ୟନ୍ତ ବାଲି ଉଠାଣ, ବେଳାଭୂମିରୁ ବୋରିଂ କରି ପାଣି ଉତ୍ତୋଳନ ଆଦି ସ୍ଥାନ ବୁଲି ଦେଖିଥିଲେ। ଘଟଣା ସମ୍ପର୍କରେ ମିଶ୍ରଙ୍କୁ ପଚାରବାରୁ କହିଥିଲେ, ଏ ସମ୍ପର୍କିତ ରିପୋର୍ଟ ଉପରିସ୍ଥ ଅଧିକାରୀଙ୍କୁ ଦିଆଯିବ। ଆମର ଯେତିକି ଲୋକ ଏଠାରେ ଜଗୁଛନ୍ତି ତାହା ପର୍ଯ୍ୟାପ୍ତ ହେଉନାହିଁ। ସେଥିପାଇଁ ଏପରି ଗଛ, ବାଲି, ପାଣି ଚୋରି ହେଉଛି। ଆଗକୁ ଫରେଷ୍ଟ ବିଟ୍ ହାଉସ ନବୀକରଣ କରାଯିବ। ସେଠାରେ ଅଧିକ ଗାର୍ଡ ନିଯୁକ୍ତି ପାଇବେ। ସେପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ବୋଲି ସେ କହିଥିଲେ। ଯେଉଁମାନେ ଏଭଳି ବାଲି, ଗଛ ଓ ପାଣି ନେଉଛନ୍ତି ତାଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ନିଆଯିବ ପ୍ରଶ୍ନରେ ସେ ନୀରବ ରହିଥିଲେ। ଯେତେବେଳେ ଏହି ଟିମ ଯାଞ୍ଚ କରୁଥିଲେ ସେତିକିବେଳେ ବାଲି ଉତ୍ତୋଳନ ହୋଇ ହାଇୱା ଯୋଗେ ପରିବହନ ହେଉଥିଲା। ଏହି ଯାଞ୍ଚ କେବଳ ଧର୍ମକୁ ଆଖିଠାର ବୋଲି ଅଭିଯୋଗକାରୀ ଆହ୍ୱାନ କମ୍ବାଇନ୍ସ ସଭାପତି ସାଗର ବିଶ୍ୱାଳ କୁହନ୍ତି।



ଅପରପକ୍ଷେ ବାଲି ଉତ୍ତୋଳନ ସମ୍ପର୍କରେ କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର ଲିଖିତ ଉତ୍ତର (ଚିଠି ନଂ.୧୯୬୫/୩-୫-୨୦୨୩)ରେ ଦର୍ଶାଇଛନ୍ତି, ବାଲି ଉଠାଯାଉଥିବା ଜାଗା ସିଆର୍‌ଜେଡ (କୋଷ୍ଟାଲ ରେଗୁଲେସନ ଜୋନ)ରେ ଆସୁଛି। ଖାତା ନଂ.୨୭ ଏବଂ ପ୍ଲଟ ନଂ. ୪୬ରେ ୧୪୦ ଏକର ଜାଗା ହେଉଛି ଗୋଚର ଜମି। ଏହାକୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ନିଜ ଅଧୀନରେ ରଖି ଏକ କମ୍ପାନୀକୁ ୩୦ ବର୍ଷ ହେବ ଲିଜ୍‌ରେ ଦେଇଛନ୍ତି। ବାଲି ଉତ୍ତୋଳନ ଡ୍ରେଜିଂ ଦ୍ୱାରା କରାଯାଉଛି। ସୂଚନାଯୋଗ୍ୟ, ଉକ୍ତ ଅଞ୍ଚଳରେ ପ୍ରତିଦିନ ଶତାଧିକ ହାଇୱା ଯୋଗେ ବାଲିଉତ୍ତୋଳନ କରାଯାଉଛି। ପାଣି ମଧ ସେହିଭଳି ଭୂତଳରୁ ଉତ୍ତୋଳନ ହେଉଛି। ଏହାଛଡ଼ା ଟ୍ରକ ଓ ଟ୍ରାକ୍ଟର ଯୋଗେ ଜଙ୍ଗଲରୁ ଝାଉଁଗଛ କଟାଯାଇ ପରିବହନ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଛି।

### ନୂତନ ମୃତ୍ତିକା ପରୀକ୍ଷଣ କେନ୍ଦ୍ର ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

ରଘୁନାଥପୁର,୯।୫(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ତଅାଁରାରେ ରାଜ୍ୟ ସରକାରଙ୍କ ସହାୟତାରେ ବାଣୀକ୍ଷେତ୍ର ମହିଳା କୃଷକ ଉତ୍ପାଦକ ସଂଘ ପକ୍ଷରୁ ଗ୍ରାମୀଣ ମୃତ୍ତିକା ପରୀକ୍ଷା କେନ୍ଦ୍ରକୁ ମଙ୍ଗଳବାର ଉଦ୍‌ଘାଟନ କରାଯାଇଛି। ଭାରତ ସରକାରଙ୍କ କ୍ଷୁଦ୍ର ଚାଷୀ କୃଷି ବେପାର ସଙ୍ଗଠନ ନିର୍ଦ୍ଦେଶକ ନଟବର ପାଲ ଏହାର ଉଦ୍‌ଘାଟନ କରିଥିଲେ। ମୃତ୍ତିକା ପରୀକ୍ଷା କରି ଅଭାବ ରହିଥିବା ଖାଦ୍ୟସାର ପୂରଣ ପାଇଁ ଆବଶ୍ୟକ ଜୈବିକ ଖତ ଓ ଅନ୍ୟ ଉପଚାର କରିବାକୁ ଅଧିକାରୀ ପାଲ ପରାମର୍ଶ ଦେଇଥିଲେ। ସଚେତନତା ସଭାରେ ବାଣୀକ୍ଷେତ୍ର ସଙ୍ଗଠନର ନିର୍ଦ୍ଦେଶିକା କୃଷ୍ଣପ୍ରିୟା ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ସହକାରୀ କୃଷି ଅଧିକାରୀ ମନସିନୀ ଲେଙ୍କା, କୃଷିଭିତ୍ତିକ ସଂସ୍ଥା ଲାଲର ସମ୍ପାଦକ କ୍ଷେତ୍ରମୋହନ ବେହେରା, ପ୍ରକଳ୍ପ ଅଧିକାରୀ ରଞ୍ଜନ କୁମାର ରାଉତ ଓ ସହ ଅଧିକାରୀ ସଞ୍ଜୀବ ରାୟ ଏବଂ ଉପଦେଷ୍ଟା ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ ଯୋଗଦେଇ ଏହାର ଆଭିମୁଖ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ନିର୍ଦ୍ଦେଶିକା କାଦମ୍ବିନୀ ବେହେରା ଅତିଥି ପରିଚୟ ପ୍ରଦାନ କରି ଆସନ୍ତା ୩ବର୍ଷ ପର୍ଯ୍ୟନ୍ତ ୧୫ ପଞ୍ଚାୟତର ଚାଷୀମାନେ ମାଗଣାରେ ମୃତ୍ତିକା ପରୀକ୍ଷା କରାଇବାକୁ କହିଥିଲେ। ନିର୍ଦ୍ଦେଶିକା ଶାନ୍ତିଲତା ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।

**୩ ବର୍ଷ ଯାଏ ନିଃଶୁଳ୍କ ସେବା ଉପଲବ୍ଧ**

# ଯେନାସାହି ଅଧିବାସୀଙ୍କୁ ଆବାସ ଯୋଗାଇବାକୁ ଦାବି

ରାଜକନିକା,୯।୫(ଡି.ଏନ.ଏ.)

ରାଜକନିକା ବ୍ଲକର ହାଟସାହି ପଞ୍ଚାୟତର ଯେନାସାହି ଭୂମିହୀନମାନଙ୍କୁ ୧୯୮୨ ମସିହାଠାରୁ ୪ ଡିସମିଲ ଘରବାଡ଼ି ପୂର୍ଣ୍ଣ ବସତି ଯୋଜନାରେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ଖାତା ଖତିଆନ ପାଇବା ପରେ ବି ଆଜି ପର୍ଯ୍ୟନ୍ତ କୌଣସି ଜଣେ ହିତାଧିକାରୀ ମୁଣ୍ଡ ଗୁଞ୍ଜିବା ପାଇଁ ସକ୍ଷମ ହୋଇ ପାରିନାହାନ୍ତି। ସେମାନେ ଦିନମଜୁରିଆ ଖଟିଖିଆ ହୋଇ ଥିବାରୁ ପରିବାର ପ୍ରତିପୋଷଣ କରିବା କାଠିକର ପାଠ ହେଉଛି। ପ୍ଲଟ ମିଳିଥିଲେ ବି ଏହାର ସୁଷମ ବଣ୍ଟନ କରାଯାଇନାହିଁ। ଯାହାଦ୍ୱାର ବିଭିନ୍ନ ସମସ୍ୟା ନିଜ ନିଜ ଭିତରେ ସୃଷ୍ଟି ହେଉଛି। ଏହାଛଡା କେତେଜଣ ବ୍ୟକ୍ତି ଉକ୍ତ ପ୍ଲଟକୁ ଜବରଦଖଲ କରିଥିବା ଅଭିଯୋଗ ହେଉଛି। ତେଣୁ ଭଦ୍ରବ୍ୟକ୍ତିଙ୍କ ପରାମର୍ଶକ୍ରମେ ସରକାର ଉକ୍ତ ପ୍ଲଟକୁ ପ୍ରଶାସନ ମାଧ୍ୟମରେ ବଣ୍ଟନ କରିବା ସହିତ ହିତାଧିକାରୀମାନଙ୍କ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଆବାସ ଯୋଗାଇ ଦେବାକୁ ଦାବି ହେଉଛି। ପରସ୍ପର ମଧ୍ୟରେ ବିବାଦ ଯୋଗୁ ବିଭିନ୍ନ ସମୟରେ ଲୋକେ ଫାଣ୍ଡି, ଥାନାର ଦ୍ୱାରସ୍ତ ହେଉଛନ୍ତି। ଉକ୍ତ ଘଟଣାକୁ କେନ୍ଦ୍ର କରି କେତେବେଳେ ଯେ ଧନହାନି ଜୀବନ ଯିବ କହି ହେବନାହିଁ। ତେଣୁ ସରକାରୀ ଅମିନଙ୍କ ଦ୍ୱାରା ଖାତା ଖତିଆନ ଅନୁଯାୟୀ ବଣ୍ଟନ କରିବା ସହ ଅବରୋଧକାରୀଙ୍କୁ ଉଚ୍ଛେଦ କରିବାକୁ ହାଟସାହି ପୂର୍ବତନ ସରପଞ୍ଚ ଅଭୟ ବେଉରିଆ, ପୂର୍ବତନ ସରାପଞ୍ଚ ସନ୍ତୋଷ ବେହୁରିଆ, ସାମାଜିକ କର୍ମୀ କୈଳାସ ଚନ୍ଦ୍ର ରାଉତ, ଅବସରପ୍ରାପ୍ତ ଶିକ୍ଷକ ଗୋକୁଳାନନ୍ଦ ବେହୁରିଆ ଓ ହାଟସାହିର ସରପଞ୍ଚ ସୀତାରାଣୀ ଦାସ ଓ ନକୁଳ ଚରଣ ଯେନା ପ୍ରମୁଖ କେନ୍ଦ୍ରାପଡ଼ା ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

### ଦ୍ୱିତୀୟ ସ୍ତ୍ରୀଙ୍କୁ ନିର୍ଯାତନା, ସ୍ୱାମୀ ଗିରଫ

ଢେଙ୍କିକୋଟ, (ଡି.ଏନ୍.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧୀନ ମଥୁରାପଶି ଗ୍ରାମରେ ଦ୍ୱିତୀୟ ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ସ୍ୱାମୀଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବିଦ୍ୟାଧର ମହାନ୍ତ(୨୮)। ସେ ୨ବର୍ଷ ତଳେ ପ୍ରଥମ ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ଘରୁ ତଡ଼ି ଦେଇଥିଲେ। ପ୍ରଥମ ସ୍ତ୍ରୀ ୧ବର୍ଷ ଧରି ଘରକୁ ନ ଆସିବାରୁ ସେ ଅନ୍ୟ ଜଣେ ଯୁବତୀଙ୍କୁ ଭଲପାଇ ମନ୍ଦିରରେ ବିବାହ କରିଥିଲେ। ଏହାର ବର୍ଷକ ପରେ ଦ୍ୱିତୀୟ ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ଆସୁଥିଲେ।

### ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ପୋଷଣ ପକ୍ଷ ପାଳନ

ରାଜନଗର, ୯।୫(ଡି.ଏନ.ଏ.)

ରାଜନଗର ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜାତୀୟ ପୋଷଣ ପକ୍ଷ ପାଳିତ ହୋଇଯାଇଛି। ସିଡିପିଓ ସୁଚିତ୍ରା ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜନଗର ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପୋଷଣ ପକ୍ଷ ପାଳନ କରାଯାଇ ଗାଁ ଗହଳିରେ ରହୁଥିବା କୋମଳମତି ଶିଶୁମାନେ ଯେପରି ଅପପୃଷ୍ଟିର ଶିକାର ନ ହେବେ, ଏ କ୍ଷେତ୍ରରେ ସବୁ ସ୍ତରରୁ ଉଦ୍ୟମ ହେବା ଜରୁରୀ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତି ଯୋଗଦେଇ ଛୋଟ ବେଳୁ ଶିଶୁଙ୍କୁ ଯୋଜନା ଅନୁସାରେ ଖାଦ୍ୟ ଖୁଆଇବା ଦ୍ୱାରା ସେମାନେ ଅପପୋଷଣଠାରୁ ଦୂରେଇ ରହିବେ। ଏଥିପାଇଁ ମା'ମାନଙ୍କ ଦାୟିତ୍ୱ, କର୍ତ୍ତବ୍ୟ ରହିବାକୁ ପରାମର୍ଶ ଦେଇଥିଲୋ। ଏହି ପୋଷଣ ପକ୍ଷ ଅବସରରେ ୧୦ଟି ସେକ୍ଟରର ଅଙ୍ଗନୱାଡି କର୍ମୀ, ଶ୍ରେଷ୍ଠ ବାଳିକା ଓ ସୁସ୍ଥ ଶିଶୁମାନଙ୍କୁ ମୁଖ୍ୟଅତିଥି ପାତ୍ର ପୁରସ୍କୃତ କରିଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସାମାଜିକ ସମୀକ୍ଷା

**ପଟ୍ଟାମୁଣ୍ଡାଇ ପୌରାଞ୍ଚଳ**

ପଟ୍ଟାମୁଣ୍ଡାଇ,୯।୫(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ପୌର ପରିଷଦ ସମ୍ମିଳନୀ କକ୍ଷରେ ପୌରାଞ୍ଚଳର ୨୦୧୬-୧୭, ୨୦୧୭-୧୮ ମସିହା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସାମାଜିକ ସମୀକ୍ଷା ବୈଠକ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବ୍ୟୟ ଅଟକଳ ବୃଦ୍ଧି ସହ ଯୋଜନା କାର୍ଯ୍ୟକାରିତାରେ ଥିବା ଜଟିଳତା ଦୂର କରି ଗରିବ ଲୋକଙ୍କ ନିକଟରେ ଯୋଜନାର ସୁଫଳ ପହଞ୍ଚାଇବାକୁ ମଙ୍ଗଳବାର ପରାମର୍ଶ ଦେଇଥିଲେ। ପୌର ପରିଷଦ ନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁ ପୌରାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ପରିସଂଖ୍ୟାନ ସହ ଯୋଜନା କାର୍ଯ୍ୟକାରିତାରେ ଦେଖା ଦେଇଥିବା ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଲାଭାଂସ ସଂସ୍ଥା ପକ୍ଷରୁ ବଂଶୀଧର ଷଡ଼ଙ୍ଗୀ, ଶୁଭ୍ରଜିତ ରଥ ଓ ନାଗେଶ୍ୱର ସାହୁ ପ୍ରମୁଖ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅଗ୍ରଗତି, କାର୍ଯ୍ୟକାରିତାରେ ଦେଖା ଦେଇଥିବା ସମସ୍ୟା ସମ୍ପର୍କରେ ଉପସ୍ଥିତ କାଉନସିଲର ଓ ହିତାଧିକାରୀଙ୍କ ମତାମତ ଶୁଣିବା ସହ ସରକାରୀ ନିୟମ ଅନୁଯାୟୀ ଠିକଣା ସମୟରେ କାର୍ଯ୍ୟକାରୀ କରି ପ୍ରୋତ୍ସାହନ ରାଶି ହାସଲ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା କେନ୍ଦ୍ର ୧ଲକ୍ଷ ୫୦ହଜାର ରାଜ୍ୟ ୫୦ହଜାର ଟଙ୍କା ଅନୁଦାନ ଦେଉଛନ୍ତି। ତେବେ ନିର୍ଦ୍ଦିଷ୍ଟ ସମୟ ସୀମା ମଧରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ହିତାଧିକାରୀ ୨୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପାଇପାରିବେ ବୋଲି ସେମାନେ ହିତାଧିକାରୀ ଓ ଲୋକପ୍ରତିନିଧିଙ୍କୁ ବୈଠକରେ ସୂଚନା ଦେଇଥିଲେ। କାଉନସିଲର ଗୋପୀବଲ୍ଲଭ ନାୟକ, ପ୍ରଶାନ୍ତ ବାରିକ, ଲାସ୍ୟମୟୀ ସାହୁ, ମୃତ୍ୟୁଞ୍ଜୟ ପାତ୍ରୀ, ସାନିଆ ପରମିନ, ଶ୍ରୀମତୀ ମଲିକ, ବିଦ୍ୟାଧର ସେଠୀ, ସନ୍ତୋଷ ଦାସ, ଲକ୍ଷ୍ମୀପ୍ରିୟା ସାହୁ, ସୁଧାମୟ ମଲିକ, ମଧୁସ୍ମିତା ମଲିକ, ସୁବାସ ମଲିକ, ମଳୟ ଓଝା, ଝରଣା ବେହେରା, ବନିତା ମଲିକ, ସମ୍ରାଟ ଜେନା, ରିନାରାଣୀ ମଲିକ, ପ୍ରିୟଙ୍କା ସେଠୀ ପ୍ରମୁଖ ଯୋଗଦେଇଥିଲେ। କାଉନସିଲର, ହିତାଧିକାରୀ, ପୌର ପ୍ରଶାସନର କର୍ମଚାରୀମାନେ ଯୋଜନାର ସଫଳ କାର୍ଯ୍ୟକାରିତା କେନ୍ଦ୍ର ଓ ରାଜ୍ୟ ସରକାର ସାମ୍ପ୍ରତିକ ସ୍ଥିତିକୁ ଅନୁଧ୍ୟାନ କରି ଯୋଜନାର ଆମୂଳଚୂଳ ପରିବର୍ତ୍ତନ କରିବା ନେଇ ମତାମତ ଦେଇଥିଲେ। ଶେଷରେ ଉପାଧ୍ୟକ୍ଷା ଅନୁପ୍ରିୟା ସାହୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସରୋଜ ପଣ୍ଡା, ଅରବିନ୍ଦ ପରିଡା, ବିଜୟ ସ୍ୱାଇଁ, ବ୍ରଜ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

# ରାସ୍ତାରୁ ନର୍ଦ୍ଦମାପାଣି ସଫାକଲେ କଲେଜ ଛାତ୍ରୀ

ପଟ୍ଟାମୁଣ୍ଡାଇ,୯।୫(ସ୍ୱ.ପ୍ର.

କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତି ଗ୍ରାମକୁ ପକ୍କା ରାସ୍ତା ଏବଂ ଗ୍ରାମ ଭିତରେ ସିମେଣ୍ଟ କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ଅର୍ଥ ବ୍ୟୟ କରୁଛନ୍ତି। ପାଣି ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ମଧ କରିଛନ୍ତି। ମାତ୍ର ପ୍ରଶାସନର ଖାମଖିଆଲି ନୀତି ଯୋଗୁ ଡ୍ରେନେଜ ପାଣି ରାସ୍ତାରେ ଲହଡି ମାରିବା ସହ ଗ୍ରୀଷ୍ମରେ କାଦୁଅ ହେଉଥିଲା। ଫଳରେ ଏହି ଦେଇଯାଉଥିବା କଲେଜ ଛାତ୍ରୀଛାତ୍ରମାନେ ବେଶି ଅସୁବିଧାରେ ପଡୁଥିଲେ। ତେଣୁ ରାସ୍ତା ମରାମତି ପାଇଁ ଛାତ୍ରୀଛାତ୍ରମାନେ ବାରମ୍ବାର ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ। ମାତ୍ର ପ୍ରଶାସନ କର୍ଣ୍ଣପାତ ନ କରିବାରୁ କଲେଜ ଛାତ୍ରୀମାନେ କୋଦାଳ ଓ ବାଲତିରେ ରାସ୍ତାରୁ ଆବର୍ଜନା ପାଣି ବାହାର କରିଥିଲେ। ରାସ୍ତା ୨ ପାର୍ଶ୍ୱରେ ଥିବା ଡ୍ରେନ୍‌କୁ ସଫା କରିବା ଦାବିରେ ଧାରଣା ଦେଇଥିଲେ।





କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବଡ଼ପଡ଼ା କଲେଜ ଆଗରେ ଖରାଦିନେ ରାସ୍ତାରେ ନର୍ଦ୍ଦମା ପାଣି ଲହଡି ମାରୁଛି। ବଡପଡ଼ା-ବିଜୟନଗର ମୁଖ୍ୟ ରାସ୍ତା ଶୋଚନୀୟ ହୋଇପଡିଛି। ଏହି ରାସ୍ତାରେ ଗ୍ରାମବାସୀଙ୍କ ସହ ବଡ଼ପଡ଼ା କଲେଜ ଛାତ୍ରୀଛାତ୍ର ମୁଖ୍ୟ ରାସ୍ତାଠାରୁ ୧ କିମି ଦୂରରେ କଣ୍ଟାବଣ ବଜାର ଥିବାରୁ ଏଥିରେ ଯାତାୟାତ କରନ୍ତି। ସବୁବେଳେ କାଦୁଅ ସର ସର ଯୋଗୁ ରାସ୍ତାରେ ପ୍ରତିଦିନ ଦୁର୍ଘଟଣା ଘଟୁଥିଲା। ବଡ଼ପଡ଼ା ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ବେଶୀ ଅସୁବିଧାରେ ପଡୁଥିଲେ। ତେଣୁ ରାସ୍ତା ମରାମତି ପାଇଁ ଛାତ୍ରୀଛାତ୍ର ପ୍ରଶାସନ ନିକଟରେ ବାରମ୍ବାର ଦାବି କରୁଥିଲେ। ଏ ନେଇ ମଙ୍ଗଳବାର ବଡ଼ପଡ଼ା ମହାବିଦ୍ୟାଳୟ ଛାତ୍ରୀମାନେ କଲେଜ ୟୁନିଫର୍ମ ପିନ୍ଧି କୋଦାଳ ଓ ବାଲ୍‌ତି ଧରି ରାସ୍ତାକୁ ସଫା କରିବା ସହ ପ୍ରଶାସନ ବିରୋଧରେ ନାରାବାଜି ଦେଇଥିଲେ। ଛାତ୍ରୀମାନେ ରାସ୍ତାରୋକୋ କରିବା ସହିତ ଧାରଣାରେ ବସି ରହିଥିଲେ। ଖବରପାଇ କାଠିଆପଡା ରାଜସ୍ୱ ନିରୀକ୍ଷକ ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ ଓ ସରପଞ୍ଚ ପ୍ରତିନିଧି ରାମ ରାଉତ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନ କରୁଥିବା ଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ରାସ୍ତା ମରାମତି କରିବା ପାଇଁ ସମୟ ମାଗିଥିଲେ। ମାତ୍ର ଛାତ୍ରୀମାନେ ଜିଦ୍‌ରେ ଅଟଳ ରହି ରାସ୍ତା ମରାମତି କଲେ ଧାରଣାରୁ ହଟିବୁ ବୋଲି କହିଥିଲେ। ପରେ ଆରଆଇ ସ୍ୱାଇଁ ଓ ସରପଞ୍ଚ ଜେସିବି ମେଶିନ୍ ଆଣି ରାସ୍ତା ଦୁଇପାର୍ଶ୍ୱରେ ପୋତି ଯାଇଥିବା ନାଳକୁ ସଫା କରିଥିଲେ। ଏଥିସହ ରାସ୍ତାରୁ କାଦୁଅ ବାହାର କରିଥିଲେ। ତା'ପରେ ଛାତ୍ରୀମାନେ ରାସ୍ତାରୋକୋ ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲେ।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ୱାର୍ଡ ବୈଠକ, ସ୍ଥାନ-ଧର୍ମନଗର ସମୟ-ଅପରାହ୍ନ ୪ଟା।

## ସଂକ୍ଷେପରେ

### ସ୍ତ୍ରୀ ହତ୍ୟା ମାମଲା, ଅଭିଯୁକ୍ତ ସ୍ୱାମୀ ଗଲେ ଜେଲ

ଦିଗପହଣ୍ଡି,୯।୫(ଡି.ଏନ.ଏ.)

ଦିଗପହଣ୍ଡି ପୋଲିସ ମଙ୍ଗଳବାର ପଦ୍ମନାଭପୁର କୁମୁଟି ସାହିର ଟୁକୁନା ବେହେରାଙ୍କୁ ନଂ.୧୭୪/୨୩ରେ କୋର୍ଟ ଚାଲାଣ କରିଛି। ଗତ ରବିବାର ଅପରାହ୍ନରେ ଟୁକୁନାଙ୍କ ସ୍ତ୍ରୀ ପ୍ରମିଳାଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପ୍ରମିଳାଙ୍କ ବାପଘର ଲୋକେ ଅଭିଯୋଗ କରିଥିଲେ। ତାଙ୍କ ଗଳାରେ ଓଢଣି ଲଗାଇ ହତ୍ୟା କରାଯିବା ପରେ ଶ୍ୱଶୁର ଘର ଲୋକେ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଥିବା ନେଇ ମୃତା ପ୍ରମିଳାଙ୍କ ଭାଇ ସୀମାଞ୍ଚଳ ବେହେରା ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଗତ ୩ ମାସ ପୂର୍ବେ ଫେବୃୟାରୀ ୧୦ରେ ଚିକିଟି ନିକଟ କରବାଲୁଆ ଗ୍ରାମର ପ୍ରମିଳାଙ୍କ ବିବାହ ପଦ୍ମନାଭପୁର ଗ୍ରାମର ଟୁକୁନା ବେହେରାଙ୍କ ସହ ହୋଇଥିଲା। ବିବାହ ସମୟରେ ଦାବି ମୁତାବକ ସମସ୍ତ ଯୌତୁକ ଦିଆଯାଇଥିଲା। ତଥାପି ଅଧିକ ଯୌତୁକ ଦାବୀରେ ଶ୍ୱଶୁର ଘର ଲୋକେ ପ୍ରମିଳାଙ୍କୁ ନିର୍ଯାତନା ଦେଇ ଥିବା ବାପଘର ଲୋକେ ପୋଲିସରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ପ୍ରମିଳା କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ପ୍ରମିଳାଙ୍କ ସ୍ୱାମୀ ଟୁକୁନା ପୋଲିସକୁ କହିଛନ୍ତି।

### ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର, ଅଭିଯୁକ୍ତ ଅଟକ

ଦିଗପହଣ୍ଡି,୯।୫(ଡି.ଏନ୍.ଏ): ଦିଗପହଣ୍ଡି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ସହ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ମା' ମଙ୍ଗଳବାର ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ. ୧୭୬/୨୩ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କ ନାମ ଶଙ୍କର ରଣା ଏବଂ ଘର ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଗ୍ରାମରେ। ଗତ ୨୦୨୧ ଜାନୁୟାରୀ ୧୫ରେ ନାବାଳିକାଙ୍କ ଘରେ କେହି ନଥିବା ସୁଯୋଗ ନେଇ ସିଦ୍ଧେଶ୍ୱର ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। କିଛିଦିନ ଦିଗପହଣ୍ଡିର ଏକ ଭଡ଼ା ଘରେ ରହିବା ପରେ ନାବାଳିକାଙ୍କୁ ନେଇ ଆନ୍ଧ୍ରପ୍ରଦେଶର ବିଜୟୱାଡା ଚାଲିଯାଇଥିଲେ। ଅଭିଯୁକ୍ତଙ୍କ ସମ୍ପର୍କୀୟ ଲୋକେ ବର୍ତ୍ତମାନ ତାଙ୍କୁ ଅନ୍ୟତ୍ର ବିବାହ ପାଇଁ ପ୍ରସ୍ତୁତି ଚଳାଇଥିବାରୁ ସେ ନାବାଳିକାଙ୍କୁ ସେଠାରେ ଛାଡି ମାମୁଁ ଘରକୁ ଚାଲି ଆସିଥିଲେ। ନାବାଳିକା ଜଣକ ଏହା ଜାଣିବା ପରେ ଘରକୁ ଫେରି ମା'ଙ୍କ ଆଗରେ ସମସ୍ତ କଥା କହିଥିଲେ। ପରେ ନା ବାଳିକାଙ୍କ ମା' ଥାନାରେ ଏତଲା ଦେଇଥିଲେ।

# ଭଞ୍ଜନଗର ଯାତ୍ରାରେ ବାଣ ଫୁଟି ଶିଶୁ ସମେତ ୫ ଆହତ

- ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ
- ବାର ଆସୋସିଏଶନ କର୍ମକର୍ତ୍ତାଙ୍କ ଅସନ୍ତୋଷ

ଭଞ୍ଜନଗର, ୯।୫(ଡି.ଏନ୍.ଏ)

ଭଞ୍ଜନଗର ଠାକୁରାଣୀ ଯାତ୍ରାରେ ସୋମବାର ବିଳମ୍ବିତ ରାତିରେ ଶୋଭାଯାତ୍ରା ଚାଲିଥିବା ବେଳେ କୌଣସି କାରଣରୁ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ଦୁଇଜଣ ଯୁବକ ଆହତ ହୋଇଥିଲେ। ସେଠାରେ ଉପସ୍ଥିତ ଥିବା ଲୋକେ ପରିସ୍ଥିତିକୁ ନିୟନ୍ତ୍ରଣ କରିଦେଇଥିଲେ। ପୁଣି ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୮ଟା ସମୟରେ ଦେବୀ ଅସ୍ଥାୟୀ ମଣ୍ଡପରୁ ବାହାରି କିଛି ରାସ୍ତା ଯିବା ପରେ ମୁଖ୍ୟ ସଡକରେ ହୋଇଥିବା କବିସମ୍ରାଟ ରଙ୍ଗ ମଞ୍ଚ ନିକଟରେ ବାଣ ଫୁଟା ଚାଲିଥିଲା ଏଥିରେ ଜଣେ ଶିଶୁଙ୍କ ସମେତ ୫ ଜଣ ଆହତ ହୋଇଛନ୍ତି। ଆହତମାନେ ଭଞ୍ଜନଗର ମେଡିକାଲରେ ଚିକିତ୍ସାଧିନ ଅଛନ୍ତି। ଆହୁରି ଅନେକ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ସେଥିମଧ୍ୟରୁ ଦୁଇଜଣଙ୍କ ଆଖିରେ ଆଘାତ ଲାଗିଥିବା ଯୋଗୁଁ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ପଠାଯାଇଛି ବୋଲି ଭଞ୍ଜନଗର ବାର ଆସୋସିଏଶନ କୋଷାଧ୍ୟକ୍ଷ ଗିରିଜା ଶଙ୍କର ଭୂୟାଁ ପ୍ରକାଶ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଆହତ ଲୋକଙ୍କୁ ଯାତ୍ରା କମିଟି କିମ୍ବା ପ୍ରଶାସନ ମେଡିକାଲ ନେବା ବ୍ୟବସ୍ଥା କରି ନ ଥିଲେ। ବାଡ଼ଶଲୁଣ୍ଡିର ମଞ୍ଜୁଳା ଭୂୟାଁ ଏବଂ ତାଙ୍କର ୬ ବର୍ଷର ଝିଅ ମନସିନୀ ଭୂୟାଁ ବାଣଫୁଟି ଆହତ ହେବା ପରେ ନିଜ ବ୍ୟବସ୍ଥାରେ ମେଡିକାଲକୁ ଚିକିତ୍ସା ହେବାକୁ ଆସିଥିଲେ। ରାତିରେ ବାର ଆସୋସିଏଶନ କର୍ମକର୍ତ୍ତା ଉପଜିଲାପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇବେ ବୋଲି ଗିରିଜା କହିଛନ୍ତି। ଅପରପକ୍ଷେ ଦେବୀ ପୂର୍ବମୁଖା ହୋଇ ଅସ୍ଥାୟୀ ମଣ୍ଡପରୁ ବାହାରିବା ପରେ ଆନ୍ଧ୍ର ବ୍ୟାଙ୍କ ଛକ ପର୍ଯ୍ୟନ୍ତ ଆସିଥିଲେ। ସେଠାରୁ ପୁଣି ଫେରି ରେଡକ୍ରସ ରୋଡ, ଷ୍ଟେଟ ବ୍ୟାଙ୍କ ଛକ, କୋର୍ଟ ରୋଡ ହୋଇ ମନ୍ଦିର ବେଢାକୁ ଫେରିଥିଲେ।



ଯାତ୍ରାରେ ସୋମବାର ସନ୍ଧ୍ୟାରେ ଘଟିଥିବା ଗଣ୍ଡଗୋଳ।

# ଦୁଇ ପରିବାର ମଧ୍ୟରେ ଛୁରାମାଡ଼, ୨ ଗୁରୁତର

ଗୋପାଳପୁର,୯।୫(ଡି.ଏନ୍.ଏ)

ଗୋପାଳପୁର ଥାନା ଅର୍ନ୍ତଗତ ପାର୍ବତୀପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଛୁରାମାଡ଼ ହୋଇ ଦୁଇ ଜଣ ଗୁରୁର ହୋଇଥିବା ଜଣାପଡିଛି। ଉଭୟଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଆହତମାନେ ହେଲେ ଅଜୟ ଦାସ, ନାରାୟଣ ଦାସ।

ସୂଚନା ଅନୁସାରେ, ପାର୍ବତୀପୁର ଗ୍ରାମର ଅନୁସୂଚିତ ଜାତି ସାହିରେ ଦୁଇ ପରିବାର ମଧ୍ୟରେ ଗତ କିଛିଦିନ ତଳେ ଏକ ଭୋଜିରେ କୌଣସି କଥାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଉଭୟ ପରିବାର ମଧ୍ୟରେ ବାଦବିବାଦ ଲାଗି ରହିଥିଲା। ପୁଣି ମଙ୍ଗଳବାର ରାତିରେ କୋଣସି କଥା ନେଇ ସେହି ପରିବାର ମଧ୍ୟରେ ବଚସା ହୋଇ ପରେ ଛୁରିରେ ଆକ୍ରମଣ ପ୍ରତିଆକ୍ରମଣ କରିଛନ୍ତି। ଏଥିରେ ଦୁଇ ଜଣ ଆହତ ହୋଇଥିବା ବେଳେ ପ୍ରତିରୋଧ କରିବା ସମୟରେ ଅନ୍ୟ ଜଣ ମହିଳା ସାମାନ୍ୟ ଆହତ ହୋଇଛନ୍ତି। ଗୁରୁତର ଆହତମାନଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ବ୍ରହ୍ମପୁର ସଦର ଏସଡିପିଓ ଶିବ ଶଙ୍କର ମହାପାତ୍ର, ଥାନା ଅଧିକାରୀ ସାରଦା ପ୍ରଶ୍ନ ଦାଶ, ଏସଆଇ ସୋଫିଆ ମିଶ୍ର ଓ ଅନ୍ୟ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚିଛନ୍ତି।

# ବିରାଟ ପଟୁଆରରେ ସୁନାପାଙ୍ଗା ପରିଭ୍ରମଣ କଲେ

## ୧୭ ଦିନରେ ବାଲିଗୁଡ଼ା ଠାକୁରାଣୀ ଯାତ୍ରା

ବାଲିଗୁଡା,୯।୫(ଡି.ଏନ.ଏ.)

କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ପାଟଖଣ୍ଡା ଠାକୁରାଣୀଙ୍କ ଐତିହାସିକ ଠାକୁରାଣୀ ଯାତ୍ରା ମଙ୍ଗଳବାର ୧୭ ଦିନରେ ପହଞ୍ଚିଛି। ସକାଳ ଆଳତୀ ପରେପରେ ସୁନାପାଙ୍ଗା ସାହି ବାସିନ୍ଦା ଏକ ବିରାଟ ପଟୁଆରରେ ଆସି ସମସ୍ତ ଦେବୀମାନଙ୍କୁ ବରଣ କରିଥିଲେ। ମା'ମାନଙ୍କ ଆଗମନକୁ ଆଖି ଆଗରେ ରଖି ସୁନାପାଙ୍ଗା ସାହି ପୂଜା କମିଟି ତରଫରୁ ସାହି ତଥା ଯାତାୟାତ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସୁସ୍ୱାଦ ପଣା, ହାଲୁଆ ଓ କନିକା ଭୋଗ ବଣ୍ଟନ କରିଥିଲେ। ସକାଳ ଓ ସନ୍ଧ୍ୟା ଆଳତୀ ପରେପରେ ଭକ୍ତ ମାନଙ୍କୁ ମା' ଦର୍ଶନ ଦେଉଛନ୍ତି। ସନ୍ଧ୍ୟା ଆଳତୀ ପରେ ପରିକ୍ରମାରେ ମା' ସୁନାପାଙ୍ଗା ସାହିକୁ ନଗର ପରିକ୍ରମା କରିଥିଲେ। ମା'ଙ୍କ ଅସ୍ଥାୟୀ ବରାଳ ଦେବୀ ମନ୍ଦିର ନିକଟରେ ନୟାଗଡ଼ ଜିଲା ଇଟାମାଟି ଅଞ୍ଚଳର ପ୍ରସିଦ୍ଧ ଯାତ୍ରା ସଂଘର୍ଷର ନାଟକ ଲବକୁଶ ଜନ୍ମ ପରିବେଷଣ ହୋଇଥିବା ବେଳେ ମିନିଷ୍ଟାଡିୟମ ପରିସରରେ ଭୁବନେଶ୍ୱରର ଅମିତ ଡ୍ୟାନ୍ସ ଗ୍ରୁପ ଓ ବ୍ରହ୍ମପୁର ଅଞ୍ଚଳର ଆନ୍ନା କମେଡି ହଜାର ହଜାର ଦର୍ଶକଙ୍କୁ ବେଶ ମତୁଆଲା କରିବା ସହ କାର୍ଯ୍ୟକ୍ରମ ମଧ୍ୟ ବେଶ ଆକର୍ଷଣୀୟ ହୋଇଛି। ଏଥିରେ ମା 'ପାଟଖଣ୍ଡାଙ୍କ ସମେତ ବରାଳଦେବୀ, ମା'ଦୁର୍ଗା, ମହାମାୟୀ, ଢେଙ୍ଗଶୀଳ, ଏବଂ ମା'କାଳୀଙ୍କ ଘଟ ମିଳିତ ଭାବରେ ଯାଉଛନ୍ତି।



ମା'ଙ୍କ ଘଟ ସହ ପୂଜାର୍ଚ୍ଚନା କରାଯାଉଛି।

# ମହିଳାଙ୍କୁ ହତ୍ୟା ଘଟଣା, ପୁତୁରା ଗିରଫ

- ଟାହି ଟାପରା ସହି ନ ପାରି ହତ୍ୟା
- ଇୟରଫୋନ ଖୋଲିଲା ରହସ୍ୟ

ଗଞ୍ଜାମ, ୯।୫(ଡି.ଏନ୍.ଏ.)

ଗଞ୍ଜାମ ବ୍ଲକ ରମ୍ଭା ଥାନା ଅନ୍ତର୍ଗତ ଜହମି ଗ୍ରାମର ଜଣେ ମହିଳାଙ୍କୁ ପଥର ଛେଚି ହତ୍ୟା ଘଟଣାର ପର୍ଦ୍ଦାଫାସ କରିଛି ରମ୍ଭା ପୋଲିସ। ହତ୍ୟାକାରୀ ମୃତ ମହିଳାଙ୍କ ପୁତୁରା ମୁନା ନାହାକଙ୍କୁ ଗିରଫ କରିଛି। ଘଟଣା ସ୍ଥଳରୁ ମିଳିଥିବା ଇୟରଫୋନ ହତ୍ୟାକାଣ୍ଡର ରହସ୍ୟ ଖୋଲିଲା ବୋଲି ଆଇଆଇସି ପି. ସ୍ୱରୂପ କିଷାନ କହିଛନ୍ତି। ପୋଲିସ ଅଭିଯୁକ୍ତ ମୁନାଙ୍କୁ ହୁମାରୁ ସେହିଦିନ ଉଠାଇ ନେଇ ଥାନାରେ ପଚରାଉଚରା କରିଥିଲା। ଦୀର୍ଘ ତିନି ଘଣ୍ଟା ପରେ ସେ ପଥର ଛେଚି ହତ୍ୟା କରିଥିବା ସ୍ୱୀକାର କରିଥିଲେ। ପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ମୁନାଙ୍କ ଜେଜେବାପା ଓ ମୃତ ମହିଳାଙ୍କ ଶଶୁର ଦୁଇ ଭାଇ। ମୁନା ସେହି ଅଞ୍ଚଳର ଜଣେ ଝିଅକୁ ଭଲ ପାଉଥିଲେ। ଏହାକୁ ନେଇ ମହିଳାଜଣଙ୍କ ସବୁବେଳେ ମୁନାଙ୍କୁ ଟାହି ଟାପରା କରୁଥିଲେ। ତେଣୁ ମୁନା ପୂର୍ବରୁ ରାଗ ରଖିଥିଲେ। ଏଥିସହ ମୁନାଙ୍କ ବିଧବା ମା'ଙ୍କୁ ନିଜ ଘରେ କାମ କରିବାକୁ ମୃତ ମହିଳା ଚାପ ପକାଉଥିଲା, ଯାହାକୁ ମୁନା ସହଜରେ ଗ୍ରହଣ କରି ନ ପାରି ତାଙ୍କୁ ଜୀବନରୁ ମାରିବା ପାଇଁ ସୁଯୋଗ ଖୋଜୁଥିଲେ। ତେଣୁ ସୁଯୋଗ ମିଳିବାରୁ ତାଙ୍କୁ ହତ୍ୟା କରିଥିବା ପୋଲିସ ଆଗରେ ମୁନା କହିଥିବା ଆଇଆଇସି କହିଛନ୍ତି। ଅନ୍ୟପଟେ ହତ୍ୟା ଘଟଣା ପରେ ଏରୁଗୁଲା ସମ୍ପ୍ରଦାୟର ଲୋକ ସୁନା ଅଳଙ୍କାର ଲୋଭରେ ଏହି ହତ୍ୟାକାଣ୍ଡ କରିଥିବା ପୋଲିସ ଅନୁମାନ କରିବା ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଥିଲା। କିନ୍ତୁ ଇୟର ଫୋନ ମିଳିବା ପରେ ଘଟଣାର ଦିଗ ବଦଳି ଯାଇଥିଲା। ମୁନା ନିକଟରୁ ସୁନା ଅଳଙ୍କର ଜବତ କରିଛି ପୋଲିସ।

# ସଂଘବଦ୍ଧ ଆକ୍ରମଣରେ ଜଣଙ୍କର ମୃତ୍ୟୁ

ଖଜୁରିପଡ଼ା,୯।୫

କନ୍ଧମାଳ ଜିଲା ଖଜୁରିପଡ଼ା ଥାନା ଅଞ୍ଚଳରେ ପାରକିୟା ପ୍ରୀତିରୁ ସଂଘବଦ୍ଧ ଆକ୍ରମଣରେ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଦେବେଶ୍ୱର ଦିଗାଲ। ତାଙ୍କ ପୁଅ ଆକାଶ ଦିଗାଲଙ୍କ ଏତଲା କ୍ରମେ ଖଜୁରିପଡ଼ା ଥାନାରେ ନଂ.୫୪/୨୩ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି। ପ୍ରକାଶ ଯେ, ଖଜୁରିପଡ଼ା ଥାନା ଅରପାଜୁ ପଞ୍ଚାୟତ ଭାଲିଆପଡା ଗ୍ରାମ ଗୁଡ଼ିସାହିରେ ମଙ୍ଗଳବାର ଏହି ଘଟଣା ଘଟିଛି।

ସେ ଏତଲାରେ ଦର୍ଶାଇଛନ୍ତି, ଆମେ ଘରେ କେହି ରହୁ ନ ଥିଲୁ। ଘରେ ବାପା ମା' ରହୁଥିଲେ। ମୋର ସାନ ଭାଇ ମୋତେ ଫୋନରେ ଜଣାଇଲେ ଯେ ବାପାଙ୍କୁ କିଏ ମାଡ ମାରିଛନ୍ତି ସେ ଗୁରୁତର ହୋଇ ଖଜୁରିପଡ଼ା ମେଡ଼ିକାଲରେ ଅଛନ୍ତି। ମୁଁ ଯାଇ ଦେଖିଲା ବେଳେ ବାପାଙ୍କ ମୃତ୍ୟୁ ହୋଇଛି। ପରେ ଏ ନେଇ ଥାନାରେ ଏତଲା ଦେଇଥିଲି। ସୂଚନା ଅନୁଯାୟୀ, ଦେବେଶ୍ୱର ସୋମବାର ରାତିରେ କୌଣସି କାମରେ ବାହାରକୁ ଯାଇ ଫେରୁଥିବା ସମୟରେ ତାଙ୍କ ସ୍ତ୍ରୀ ଝିଲ୍ଲୀଙ୍କ ସମେତ ଅନ୍ୟ ଦୁଇ ତିନି ଜଣ ମିଶି କୌଣସି କାରଣକୁ ନେଇ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ସେମାନଙ୍କ ଠେଙ୍ଗା ମାଡ଼ରେ ଦେବେଶ୍ୱର ଗୁରୁତର ହୋଇଥିଲେ। ତାଙ୍କୁ ଖଜୁରିପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଖଜୁରିପଡା ଆଇଆଇସି ଗେଲି କୁମାରୀ ସାହୁ କହିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ମୃତକଙ୍କ ସ୍ତ୍ରୀ ଝିଲ୍ଲୀଙ୍କୁ ଏବଂ ଅନ୍ୟ ଆଉ ଜଣେ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ତେବେ ପରକ୍ରିୟା ପ୍ରୀତିକୁ କେନ୍ଦ୍ରକରି ଏଭଳି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଥାନା ଅଧିକାରୀ ସାହୁ ପ୍ରକାଶ କରିଛନ୍ତି। କିନ୍ତୁ ଘଟଣାର ପ୍ରକୃତ କାରଣ ଜଣାପଡିନାହିଁ।

# ଖଲ୍ଲିକୋଟରେ ଉଦ୍ୟାନ କୃଷି କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅତିଥି।

ଖଲ୍ଲିକୋଟ,୯।୫(ଡି.ଏନ.ଏ.)

ଖଲ୍ଲିକୋଟ ସହର ମଧ୍ୟସ୍ଥ ମର୍ଦ୍ଦରାଜ କଲ୍ୟାଣ ମଣ୍ଡପ ପରିସରରେ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଖଲ୍ଲିକୋଟ ସହକାରୀ ଉଦ୍ୟାନ ଅଧିକାରୀ ପ୍ରଶାନ୍ତ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଖଲ୍ଲିକୋଟ ବିଡିଓ ବିକ୍ରମ କୁମାର ଦୋରା, ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଦକ୍ଷତା ଓ ପ୍ରଶିକ୍ଷଣ ଯୋଜନା ମାଧ୍ୟମରେ କୃଷକ ମାନେ ଆଧୁନିକ ପ୍ରଣାଳୀ ଦ୍ୱାରା ଉଦ୍ୟାନ କୃଷିର ବିକାଶ କରି ଲାଭବାନ ହେବେ ଏହି କର୍ମଶାଳାରେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ଉଦ୍ୟାନ ଅଧିକାରୀ ଅଶୋକ ପାଇକରାୟ, ପ୍ରତାପ କୁମାର ପଣ୍ଡା, ଗୋଷ୍ଠୀ କୃଷି ଅଧିକାରୀ ନଳିନୀ ମୋହନ ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରାମଦେବତୀ ମା' ବୁଢ଼ୀ ଠାକୁରାଣୀ ଯାତ୍ରା ଆରମ୍ଭ



ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ଶୁଭାରମ୍ଭ ନେଇ ପୂଜାର୍ଚ୍ଚନା କରାଯାଉଛି।

ଗଞ୍ଜାମ, ୯।୫(ଡି.ଏନ.ଏ.)

ଗଞ୍ଜାମ ସହର ଓଡ଼ିଆ ଡାମଣା ସାହିସ୍ଥିତ ଗ୍ରାମ ଦେବତୀ ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ସାହିର କାଳିଆ ଗୋସାଇଁଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ଶୁଭଖୁଣ୍ଟ ସ୍ଥାପନ କରାଯାଇଛି। ରୀତିନୀତି ଅନୁଯାଇ ପୂଜାର୍ଚ୍ଚନା କରାଯିବା ସହ ବାଦ୍ୟ ବାଜଣା ସହକାରେ ମା'ଙ୍କ ଘଟ ପରିକ୍ରମା କରାଯାଥିଲା। ସନ୍ଧ୍ୟା ଆଳତି ସମୟରେ ମନ୍ଦିର ନିକଟରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଓ ଘଟ ପରିକ୍ରମା ସମୟରେ ପରମ୍ପରିକ ବାଦ୍ୟ ବଜଣା ଓ ମହିଳା ଶ୍ରଦ୍ଧାଳୁ ମାନଙ୍କ ହୁଳହୁଳି ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ମା'ଙ୍କ ଏହି ଯାତ୍ରା ନିମନ୍ତେ ସମଗ୍ର ଗଞ୍ଜାମ ସହର ଉତ୍ସବମୁଖର ହୋଇଉଠିଛି।

# ବୃକ୍ଷମାଳା ଅଭିଯାନ ପାଇଁ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଅଧିକାରୀମାନେ।

ବେଲଗୁଣ୍ଠା,୯।୫

ସମଗ୍ର ଦେଶରେ ନଦୀତଟରେ ମୃତ୍ତିକା କ୍ଷୟ ରୋକିବା ପାଇଁ ସରକାର ବୃକ୍ଷମାଳା ଏବଂ ନଦୀତଟ ସଂରକ୍ଷଣ ଭଳି ପଦକ୍ଷେପ ହାତକୁ ନେଇଥିବା ବେଳେ ଏନେଇ ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ ମଙ୍ଗଳବାର ବେଲଗୁଣ୍ଠା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରୋଶନ୍ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ତହସିଲଦାର ମନୋଜ ପ୍ରଭାକର କୁଜୁର୍, ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଷାର କୁମାର ସାମଲ୍, ଏବିଡ଼ିଓ ପୂର୍ଣ୍ଣଚନ୍ଦ୍ର ପାଢୀ, ସିଡିପିଓ ଗାୟତ୍ରୀ ମିଶ୍ର ପ୍ରମୁଖ ମଞ୍ଚାସୀନ ରହି ଆସନ୍ତା ୧୫ ତାରିଖରେ ସମସ୍ତ ପଞ୍ଚାୟତରେ ସ୍ୱତନ୍ତ୍ର ପଲ୍ଲିସଭା ମାଧ୍ୟମରେ ପଞ୍ଚାୟତଗୁଡ଼ିକରେ ଥିବା ନଦୀ, ନାଳ ଏବଂ ପୋଖରୀ ହିଡ଼ରେ ବୃକ୍ଷ ରୋପଣ କରାଯିବା ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆବଶ୍ୟକ ଚାରା ରୋପଣ କରାଯାଇ ସମଗ୍ର ବେଲଗୁଣ୍ଠା ବ୍ଲକ୍‌କୁ ସବୁଜ ସୁନ୍ଦର କରାଯାଇ ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରଣ କରାଯିବା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା, ମୃତ୍ତିକା ସଂରକ୍ଷଣ ବିଭାଗ ଓଭରସିୟର୍ ମନୋଜ କୁମାର ପାଣିଗ୍ରାହୀ, କେନ୍ଦ୍ରୀୟ ଏନ୍ଆରଜିଏ ଆସିଷ୍ଟାଣ୍ଟ ମନୋଜ କୁମାର ପଟ୍ଟନାୟକ ଯୋଗ ଦେଇ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ସ୍ଥାନର ମୃତ୍ତିକା ପରୀକ୍ଷା କରାଯାଇ ମୃତ୍ତିକାର ମାନ ଅନୁସାରେ ବୃକ୍ଷ ରୋପଣ କରାଯିବ ବୋଲି ମୃତ୍ତିକା ସଂରକ୍ଷଣ ବିଭାଗ ଓଭରସିୟର୍ ମନୋଜ କୁମାର ପାଣିଗ୍ରାହୀ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେଣୀପଲ୍ଲୀ ସରପଞ୍ଚ ଦୁର୍ଗାମାଧବ ନାୟକ, ଗୋବରା ସମିତିସଭ୍ୟ ବିଭୁପାଦ ଜେନା, କ୍ଷତ୍ରିୟବରପୁର ସମିତିସଭ୍ୟ କୁଞ୍ଜବିହାରୀ ନାୟକ, ବଡ଼ପଡ଼ା ସମିତିସଭ୍ୟ ପୀତବାସ ସାହୁ, ତନରଡା ସମିତିସଭ୍ୟ ଅଯୋଧ୍ୟା ନାଥ୍ ବେହେରା, ଉତ୍ତୁରା ସମିତିସଭ୍ୟ ସୁଧାଂଶୁ ଶେଖର ପୋଲାଇ, ବଙ୍କା ସରପଞ୍ଚ ପ୍ରତିନିଧି, ସମିତିସଭ୍ୟ ପ୍ରଫୁଲ୍ଲ ଗୌଡ଼, ନେଟେଙ୍ଗା ସରପଞ୍ଚ ପ୍ରତିନିଧି ଦେବେନ୍ଦ୍ର ଗୌଡ଼, ତନରଡ଼ା ସରପଞ୍ଚ ପ୍ରତିନିଧି ଅନିଲ ପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ପଟୁଆରରେ ମା'ଙ୍କ ଘଟ ପରିକ୍ରମା

## ଚତୁର୍ଦ୍ଦଶ ଦିବସରେ ପଞ୍ଚ ଠାକୁରାଣୀ ଯାତ୍ରା

ବୁଗୁଡ଼ା,୯।୫(ଡି.ଏନ.ଏ.)

ଏପ୍ରିଲ ୨୬ରୁ ଆରମ୍ଭ ହୋଇଥିବା ବୁଗୁଡ଼ା ପଞ୍ଚ ଠାକୁରାଣୀ ଯାତ୍ରା ମଙ୍ଗଳବାର ଚର୍ତୁର୍ଦ୍ଦଶ ଦିବସରେ ପହଞ୍ଚି ଥିବା ବେଳେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନଙ୍କ ପକ୍ଷରୁ ପାରମ୍ପରିକ ରୀତିନୀତି ପ୍ରକାରେ ମା'ଙ୍କ ପୂଜାର୍ଚ୍ଚନା ଏବଂ ଘଟ ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ବଡଦାଣ୍ଡସ୍ଥିତ ଅସ୍ଥାୟୀ ପୂଜା ମଣ୍ଡପରେ ଯଥାବିଧି ପୂର୍ବକ ପଞ୍ଚ ପୁରୋହିତ ମା'ଙ୍କ ପୂଜାର୍ଚ୍ଚନା ସମ୍ପାଦନ କରିଥିବା ବେଳେ ଭଗବାନ ନାୟକ, ବି.କ୍ରିଷ୍ଣା ପାତ୍ର ଓ ରଙ୍ଗନିଧି ପ୍ରଧାନ ପ୍ରମୁଖ ମା'ଙ୍କ ସେବାରେ ନିୟୋଜିତ ଥିଲେ। ଏଥି ସହ ସନ୍ଧ୍ୟାରେ ଘଟ ପରିକ୍ରମାର ଶୁଭାରମ୍ଭ ହୋଇଥିଲା। ପଞ୍ଚ ମାନସିକଧାରୀ ମହିଳା କେ.ଯଶୋଦା ପାତ୍ର, ସଞ୍ଜୁଲତା ପ୍ରଧାନ, ସଞ୍ଜୁକ୍ତା ସାହୁ, କେ.କାନ୍ତା ପାତ୍ର ଓ ସଙ୍ଗୀତା ପଲେଇ ପ୍ରମୁଖ ପଞ୍ଚ ଠାକୁରାଣୀଙ୍କ ଘଟ ଧାରଣ କରି ବଳଦେବ ମନ୍ଦିର, ଥାନା କଲୋନୀ, ହାଇସ୍କୁଲ ଛକ, ନୂଆ ବସଷ୍ଟାଣ୍ଡ, ମୁଖ୍ୟ ସଡକ, ଗଣେଶ ମାର୍କେଟ, ବୁଦ୍ଧଖୋଲ ଛକ, ପୋଲସରା ରୋଡ ଆଦି ପରିକ୍ରମା କରି ସ୍ୱସ୍ଥାନକୁ ଫେରିଥିଲେ। ଅନ୍ୟପକ୍ଷରେ ବ୍ଲକ ଛକର ମହାଲକ୍ଷ୍ମୀ ମେଢ ଏବଂ କଲେଜ ରୋଡ ଯାତ୍ରା ତୋରଣ ନିକଟସ୍ଥ ଜଗନ୍ନାଥ-ବଳଭଦ୍ର-ସୁଭଦ୍ରା ମେଢ ଲୋକାର୍ପିତ ହୋଇ ଲୋକଙ୍କ ଭିଡ ସାଉଁଟି ଥିବାବେଳେ ହାଇସ୍କୁଲ ଛକରେ ସ୍ମାଇଲ୍ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯାତ୍ରା ଗହଳିକୁ ନିୟନ୍ତ୍ରଣ ପାଇଁ ପୋଲିସ ନିୟୋଜିତ ଥିଲେ।



# ପରିବର୍ତ୍ତନ ବିକାଶର ପଥେ ଯାଜପୁର ଆଲୋଚନାଚକ୍ର

ଯାଜପୁର ଟାଉନ,୯।୫(ଡି.ଏନ.ଏ.): ଏମ୍‌ବିସି ଟିଭି ଆନୁକୂଲ୍ୟରେ ଯାଜପୁର ସହରର ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ପରିବର୍ତ୍ତନ ବିକାଶର ପଥେ ଯାଜପୁର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ବିସି ଟିଭିର ସିଇଓ ନାଗେନ୍ ବାରିକ, ଯାଜପୁର ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ବରୁଣେଶ୍ୱର ମହାବିଦ୍ୟାଳୟ ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର, ସାହିତ୍ୟିକା ଡ. ଅନିତା ପଣ୍ଡା, ପ୍ରକାଶ ଚନ୍ଦ୍ର ନାୟକ, ଏମ୍‌ବିସି ଟିଭିର ଏକ୍‌ଜୁକ୍ୟୁଟିଭ ଏଡିଟର ଗୁରୁକଲ୍ୟାଣ ମହାପାତ୍ର, ଯାଜପୁର ପ୍ରେସ୍ କ୍ଲବ ସଭାପତି ରାଜୀବ ମହାନ୍ତି, ଏମ୍‌ବିସି ଟିଭିର ଯାଜପୁର ଜିଲା ପ୍ରତିନିଧି ଅଜୟ ରାଉଳ ପ୍ରମୁଖ ଯୋଗଦେଇ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ନବୀନ ପଟ୍ଟନାୟକ ସରକାର ଓ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ବଳିଷ୍ଠ ନେତୃତ୍ୱରେ ଜିଲା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଶିଳ୍ପ, ବାଣିଜ୍ୟ, କଳା ଭାସ୍କର୍ଯ୍ୟ ଓ ସାଂସ୍କୃତିକ କ୍ଷେତ୍ରରେ ବିକାଶ ପଥରେ ଆଗେଇ ଚାଲିଛି ବୋଲି ଅତିଥିମାନେ ଅଭିବ୍ୟକ୍ତ କରିଥିଲେ। ଆଲୋଚନାଚକ୍ରକୁ ଏମ୍‌ବିସି ଟିଭିର ଡେପୁଟି ଏଡିଟର ସୁଧାଂସୁ ଦାସ ଓ ଇନ୍‌ପୁଟ୍ ଏଡିଟର ପରେଶ ନାୟକ ସଞ୍ଚାଳନ କରିଥିଲେ। ଏହି ଅବସରରେ ସାହିତ୍ୟିକା ଡ.ଅନିତା ପଣ୍ଡା, ସମ୍ବାଦର ଜିଲା ପ୍ରତିନିଧି ସଂଗ୍ରାମ କେଶରୀ ସିଂ, ସମାଜର ଜିଲା ପ୍ରତିନିଧି ଦେବବ୍ରତ ମିଶ୍ର, ଧରିତ୍ରୀର ଜିଲାପ୍ରତିନିଧି ହର୍ଷବର୍ଦ୍ଧନ ବେହେରା, ଖବରଦାତା ଅଭୟ ପତି, ଓଟିଭିର ଜିଲା ପ୍ରତିନିଧି ସଞ୍ଜୀବ ନାୟକ, ନ୍ୟୁଜ୍୧୮ର ଜିଲା ପ୍ରତିନିଧି ସୁଜିତ୍ କୁମାର ମଲ୍ଲିକ, ଯାଜପୁର ପ୍ରେସ୍ କ୍ଲବର ସଭାପତି ରାଜୀବ ମହାନ୍ତି ଓ ଏମ୍‌ବିସି ଟିଭିର ଜିଲା ପ୍ରତିନିଧି ଅଜୟ ରାଉଳଙ୍କ ସମେତ ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସାମାଜିକ କର୍ମୀ ଓ ଜନପ୍ରତିନିଧିଙ୍କୁ ବିରଜା ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ହକ୍ ପାଇବାରୁ ବଞ୍ଚିତ ନିର୍ମାଣ ଶ୍ରମିକ

## ଯାଜପୁର ଜିଲା ଶ୍ରମ କାର୍ଯ୍ୟାଳୟରୁ ମିଳୁଛି ମିଛ ପ୍ରତିଶ୍ରୁତି

ଯାଜପୁର ଅଫିସ,୯।୫

ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟରେ ସାମିଲ ଥିବା ପଞ୍ଜିକୃତ ହିତାଧିକାରୀମାନଙ୍କୁ ବିଭିନ୍ନ କଲ୍ୟାଣମୂଳକ କାମ ପାଇଁ ବିପୁଳ ପରିମାଣର ପାଣ୍ଠି ବିନିଯୋଗ ହୋଇଛି। କିନ୍ତୁ ଅଧିକାଂଶ ନିର୍ମାଣ ଶ୍ରମିକ ସେମାନଙ୍କ ହକ୍ ପାଇବାରୁ ବଞ୍ଚିତ ହୋଇଛନ୍ତି। ଯାଜପୁରରୋଡ ଯୁଗ୍ମ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟକୁ ଶିକ୍ଷା, ଛାତ୍ରବୃତ୍ତି, ବିବାହ ଓ ପ୍ରସୂତି ସହାୟତା, ଦୁର୍ଘଟଣା, ମୃତ୍ୟୁ ସହାୟତା, ବୀମା, ଛାତ୍ର ବୃତ୍ତି, ଚିକିତ୍ସା ଇତ୍ୟାଦି ସହାୟତା ପାଇଁ ନିର୍ମାଣ ଶ୍ରମିକମାନେ ଦୌଡ଼ି ନୟାନ୍ତ ହେଉଛନ୍ତି। କିନ୍ତୁ ଲାଞ୍ଚ ନ ଦେଲେ କୌଣସି ଫାଇଲ ଘୁଞ୍ଚେ ନାହିଁ ନୀତିରେ ଏହି କାର୍ଯ୍ୟାଳୟ ଚାଲିଥିବାରୁ ନିର୍ମାଣ ଶ୍ରମିକମାନେ ସେମାନଙ୍କ ହକ୍ ପାଇବାରୁ ବଞ୍ଚିତ ରହୁଛନ୍ତି ବୋଲି ଅଭିଯୋଗ ହେଉଛି।

ଯାଜପୁର ଜିଲା ବରୁଆଁ ଅଞ୍ଚଳର ଭାଗିରଥି ଦାସ, ଶେଖ ରାମୁ, ଅର୍ଜୁନ ପାତ୍ର, ରସିକ ସାହୁ, ସାଧୁଚରଣ ବିଶ୍ୱାଳ, ଶାନ୍ତି ଜେନା ପ୍ରମୁଖ କହିଛନ୍ତି,


ନିର୍ମାଣ ଶ୍ରମିକମାନେ ଆନ୍ଦୋଳନ କରୁଛନ୍ତି।

ସେମାନେ ବିବାହ, ପ୍ରସୂତି ଏବଂ ଅନ୍ୟାନ୍ୟ ସହାୟତା ପାଇଁ ଯାଜପୁର ରୋଡ ଶ୍ରମ କାର୍ଯ୍ୟାଳୟରେ ଆବେଦନ କରିଛନ୍ତି। ଏହି ଆବେଦନକୁ ପ୍ରାୟ ୨ ବର୍ଷ ଅତିକ୍ରାନ୍ତ ହୋଇ ସାରିଛି। ତେବେ ଯେବେ ବି ଉକ୍ତ ସହାୟତା ରାଶି ପାଇଁ ପଚାରିଲେ କେବଳ ପ୍ରତିଶ୍ରୁତି ମିଳୁଛି। ଏଭଳି ଭାବେ ସେମାନେ ହଇରାଣ ହେଉଛନ୍ତି ବୋଲି କ୍ଷୋଭର ସହ ପ୍ରକାଶ କରିଛନ୍ତି।

ନିର୍ମାଣ କାର୍ଯ୍ୟରେ ଥିବା ଶ୍ରମିକଙ୍କ ନିଯୁକ୍ତି ସର୍ତ୍ତାବଳୀକୁ ନିୟନ୍ତ୍ରଣ କରିବା ଏବଂ ସେମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା, ସାମାଜିକ ନିରାପତ୍ତା ଓ କଲ୍ୟାଣ ନିମନ୍ତେ ନିର୍ମାଣ ଶ୍ରମିକ ଯୋଜନା ଯାଜପୁର ଜିଲାରେ ପ୍ରହସନ ପାଲଟିଛି। ଯେଉଁମାନେ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ଶ୍ରମିକ ଭାବେ ନିୟୋଜିତ ଅଛନ୍ତି ସେମାନଙ୍କୁ ଯୋଜନାରେ ସାମିଲ କରାଯାଇନାହିଁ। କେତେଜଣ ଶ୍ରମିକ ପଞ୍ଜିକୃତ ହୋଇ ପରିଚୟ ପତ୍ର ପାଇଥିଲେ ହେଁ ତାଙ୍କ ପିଲାଛୁଆ ଏହି ଯୋଜନାର ବିଭିନ୍ନ ସହାୟତା ପାଇବାରୁ ବଞ୍ଚିତ ରହୁଛନ୍ତି। ଏହି ଯୋଜନାରେ ୩୦ ଏପ୍ରିଲ ୨୦୨୩ ସୁଦ୍ଧା ୧, ୫୪,୪୩୦ ନିର୍ମାଣ ଶ୍ରମିକ ପଞ୍ଜିକୃତ ହୋଇଛନ୍ତି। ସେଥିରୁ ପ୍ରସୂତିକାଳିନ ସହାୟତା ବାବଦକୁ ୧୫ ଜଣଙ୍କୁ ୧ଲକ୍ଷ ୫୦ ହଜାର ଟଙ୍କା, ଶିକ୍ଷା ସହାୟତା ନିମନ୍ତେ ୨୨୧ ଜଣଙ୍କୁ ୨୦ଲକ୍ଷ ୪୮ ହଜାର ୪୦୦ ଟଙ୍କା, ବିବାହ ସହାୟତା ନିମନ୍ତେ ୩୨୨ ଜଣଙ୍କୁ ୧ କୋଟି ୫୫ ଲକ୍ଷ ୭୫ ହଜାର ଟଙ୍କା ଭାବେ ସମୁଦାୟ ୧ କୋଟି ୭୭ ଲକ୍ଷ ୭୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ୨୦୧୯ରୁ ଶ୍ରମିକ ସାମାଜିକ ସୁରକ୍ଷା ଅନୁଯାୟୀ ସାଇକେଲ, ଯନ୍ତ୍ରପାତି, ସୁରକ୍ଷା ସରଞ୍ଜାମ ପ୍ରଦାନ ବନ୍ଦ ଅଛି। ମୃତ୍ୟୁକାଳୀନ ସହାୟତା ମଧ୍ୟ ବନ୍ଦ ଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ପଞ୍ଜୀକୃତ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ ଏବଂ ସେମାନେ ସରକାରଙ୍କ ଆଇନ ଅନ୍ତର୍ଭୁକ୍ତ ବିଭିନ୍ନ ସୁବିଧାସୁଯୋଗ ପାଇ ପାରିବେ ବୋଲି ଆଇନରେ ରହିଛି । ଶିକ୍ଷା ଓ ଛାତ୍ରବୃତ୍ତି, ବିବାହ ଓ ପ୍ରସୂତି ସହାୟତା, ଦୁର୍ଘଟଣା ଜନିତ ସହାୟତା, ମୃତ୍ୟୁ କ୍ଷେତ୍ରରେ ସହାୟତା, ବୀମା ସହାୟତା, ଛାତ୍ର ବୃତ୍ତି, ଚିକିତ୍ସା ଇତ୍ୟାଦି ସହାୟତା ପାଇଁ ୮ ହଜାରରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାବାଦ୍ ଗୃହ ନିର୍ମାଣ ପାଇଁ ୧ ଲକ୍ଷରୁ ୧ ଲକ୍ଷ ୩୦ ହଜାର ଟଙ୍କାକୁ ବୃଦ୍ଧି ହୋଇଛି। କିନ୍ତୁ ସମ୍ପୃକ୍ତ ହିତାଧିକାରୀ ଆଶାନୁରୂପ ସହାୟତା ପାଇ ପାରୁ ନ ଥିବାରୁ ଯୋଜନାର ସଫଳତା ଉପରେ ନକରାତ୍ମକ ମତପ୍ରକାଶ ପାଉଛି। ବିଶେଷକରି ବାର୍ଦ୍ଧକ୍ୟ ସମୟରେ ଜଣେ ନିର୍ମାଣ ଶ୍ରମିକ ପେନସନ ଉପରେ ଅଧିକ ନିର୍ଭରଶୀଳ ହୋଇଥାନ୍ତି। ଏହି ଉଦ୍ଦେଶ୍ୟରେ ପେନସନ ଯୋଜନା କାର୍ଯ୍ୟକାରୀ କରାଯାଇଛି। କିନ୍ତୁ ଯୋଜନାର ୭ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ତାହା ଯୋଜନାରେ ସୀମିତ ରହିଛି।

ସିଏଜି ରିପୋର୍ଟ ଅନୁସାରେ କୋଠବାଡି ନିର୍ମାଣ ଶ୍ରମିକ କଲ୍ୟାଣ ଉପକାର ନିୟମ ୧୯୯୬ ଏବଂ ଏହା ଅଧୀନରେ ଥିବା ନିଯୁକ୍ତି ତଥା ସେବା ସର୍ତ୍ତ ଅଧିନିୟମ ୧୯୯୬ ଅନୁଯାୟୀ ଏକ କଲ୍ୟାଣ ସଂଘ ଗଠନ ହେବା ଦରକାର। ଯାହାର ଲକ୍ଷ୍ୟ ଶ୍ରମିକମାନଙ୍କ କାର୍ଯ୍ୟାବସ୍ଥାରେ ଉନ୍ନତି ଆଣିବା ଓ ଶ୍ରମିକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା। ଏହାବାଦ୍ ନିର୍ମାଣ କାର୍ଯ୍ୟ ଉପରେ କର ବସାଇ ବୋର୍ଡର ସମ୍ବଳକୁ ସୁଦୃଢ କରିବା। ସମସ୍ତ ନିର୍ମାଣ କାର୍ଯ୍ୟରୁ ସଂଗୃହିତ ହେଉଥିବା ଶ୍ରମ ଉପକରଣକୁ ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ପାଣ୍ଠିରେ ଜମା କରିବା ଆବଶ୍ୟକ। ଏହି ପାଣ୍ଠି ଶ୍ରମିକମାନଙ୍କ ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟରେ ବିନିଯୋଗ ହୋଇଥାଏ। କିନ୍ତୁ ରାଜ୍ୟସ୍ତରରେ ଏହି ପାଣ୍ଠି ବିନିଯୋଗରେ ମଧ୍ୟ ଅନିୟମିତତା ଏବଂ ଅବହେଳା ହୋଇଥିବା ଅଭିଯୋଗ ହେଉଛି।

ଏ ସଂକ୍ରାନ୍ତରେ ଯାଜପୁର ଜିଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତିଙ୍କ ମତାମତ ପାଇଁ ତାଙ୍କ ମୋବାଇଲ ଫୋନ୍ ନମ୍ବରକୁ ଯୋଗାଯୋଗ କରିଥିଲେ ହେଁ ସେ କଲ ଗ୍ରହଣ କରି ନ ଥିଲେ।

# ମା' ଯଶୋଦା ଉଚ୍ଚ ବିଦ୍ୟାଳୟ ଲୋକାର୍ପିତ

ଚଣ୍ଡିଖୋଲ,୯।୫(ଡି.ଏନ.ଏ.):

୫-ଟି ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମରେ ସୋମବାର ଚଣ୍ଡିଖୋଲ ଗାନ୍ଧୀ ଛକସ୍ଥିତ ମା' ଯଶୋଦା ସରକାରୀ ଉଚ୍ଚ ବିଦ୍ୟାଳୟ ଲୋକାର୍ପିତ ହୋଇଛି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି। ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ୍ ରୁମ୍, ଲାଇବ୍ରେରି, ଲାବରୋଟରି ଓ ଗାର୍ଡେନ ଆଦି ସ୍ଥାନ ପାଇଛି। ଲୋକାର୍ପଣ ସମାରୋହରେ ବିଦ୍ୟାଳୟ ପ୍ରତିଷ୍ଠାତା ଡ. ପ୍ରିୟନାଥ ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ବ୍ରହ୍ମାନନ୍ଦ ଦାସ, ଶିକ୍ଷାବିତ ବିଶ୍ୱନାଥ ଦାସ, କେଦାର ନାଥ ଦାସ, ଅଧ୍ୟାପକ ବିଜୟ କେତନ ସାମଲ, ସରପଞ୍ଚ ଫକୀର ନାରାୟଣ ମିଶ୍ର, ସମିତି ସଭ୍ୟ ଅରୂପାନନ୍ଦ ଜେନା, ପ୍ରଧାନ ଶିକ୍ଷୟିତ୍ରୀ ମମତା ମହାପାତ୍ର, ବୀଣାପାଣି କଳା ନିକେତନର ନିର୍ଦ୍ଦେଶକ ବିପିନ ବିହାରୀ ସ୍ୱାଇଁ ଓ ପୂର୍ବତନ ସରପଞ୍ଚ ଉତ୍ତମ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ପରିବେଷଣ କରାଯାଇଥିଲା। ପ୍ରାରମ୍ଭରେ ମା'ଯଶୋଦାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଯାଜପୁର ଜିଲାର ୭୩ ବିଦ୍ୟାଳୟ ଏହି ଯୋଜନାରେ ସାମିଲ ହୋଇ ଉଦ୍‌ଘାଟିତ ହୋଇଛି।

# ମହିଳା ରାଜ୍ୟ ପ୍ରଗତିର ସାରଥି ସାଜିଛନ୍ତି: ମନ୍ତ୍ରୀ


ମିଶନଶକ୍ତି ଗୃହ ଉଦ୍‌ଘାଟନୀ ସଭାରେ ଯୋଗଦେଇଥିବା ମନ୍ତ୍ରୀ ଓ ଅନ୍ୟମାନେ।

## ମିଶନ ଶକ୍ତି ଗୃହ ଉଦ୍‌ଘାଟିତ

ଝୁମ୍ପୁରୀ,୯।୫(ଡି.ଏନ୍.ଏ.):

ମହିଳାମାନେ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରି ନିଜେ ସ୍ୱାବଲମ୍ବୀ ହେବାସହ ରାଜ୍ୟର ପ୍ରଗତିରେ ସାରଥି ସାଜିଛନ୍ତି। ଦଶରଥପୁର ବ୍ଲକ୍ ବିହାରୀ ପଞ୍ଚାୟତରେ ମିଶନ ଶକ୍ତି ଗୃହର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଏକଥା କହିଛନ୍ତି। ପଞ୍ଚାୟତରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ପାଇଁ ନିର୍ମାଣ କରାଯାଇଥିବା ଏହି ଗୃହକୁ ମନ୍ତ୍ରୀ ମଲ୍ଲିକ ନଡ଼ିଆ ବାଡ଼େଇ, ଫିତା କାଟି ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ପାଳଦାଠାରେ ସରପଞ୍ଚ ଇନ୍ଦୁମତୀ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମନ୍ତ୍ରୀ ମଲ୍ଲିକ ଯୋଗଦେଇ ମିଶନ ଶକ୍ତି ମାଧ୍ୟମରେ ମହିଳାମାନେ ଋଣ ନେଇ ସେମାନଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛନ୍ତି। ସେମାନଙ୍କୁ ଆଉ ଅଭାବ ଅନଟନରେ ପଡ଼ି ବାର ଦୁଆର ହେବାକୁ ପଡୁନାହିଁ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥିଭାବେ ଜିଲା ପରିଷଦ ସଭ୍ୟ ପାର୍ଥସାରଥି ମହାପାତ୍ର, ନୀନାରାଣୀ ସାମଲ, ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ଆଚାର୍ଯ୍ୟ, ନିହାର ରଞ୍ଜନ ସାମଲ, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ପୂର୍ବତନ ଉପାଧ୍ୟକ୍ଷ ବିଷ୍ଣୁଚରଣ ମହାପାତ୍ର, ସମିତିସଭ୍ୟ ପ୍ରଫୁଲ୍ଲ ମଲ୍ଲିକ ପ୍ରମୁଖ ଯୋଗଦେଇ ମିଶନ ଶକ୍ତି ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।

ପୂର୍ବତନ ସରପଞ୍ଚ ସୁଧାଂଶୁ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଷ୍ଟେଟ୍ ବ୍ୟାଙ୍କର ବିରଜା ମନ୍ଦିର ଶାଖା ପରିଚାଳକ ଓ ଫିଲ୍ଡ ଅଫିସରଙ୍କ ସହ ସ୍ୱୟଂ ସହାୟିକା ସଭାନେତ୍ରୀ ସାବିତ୍ରୀଦେବୀ ଦାସ, ସମ୍ପାଦିକା ପ୍ରତିଭା ରାଉତ, ଅମ୍ରିତା ପଣ୍ଡା, କଲ୍ୟାଣୀ ରାଉତ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ୍ ମିଶନ ଶକ୍ତି ପକ୍ଷରୁ ରଶ୍ମିତା ପ୍ରଧାନ, ରଶ୍ମିରେଖା ପାଣିଗ୍ରାହୀ ଓ ଦୀପକ କୁମାର ଦାସ ସଭାରେ ଯୋଗଦେଇ ଉପସ୍ଥିତ ମହିଳାଙ୍କୁ ଡିଜିଟାଲ ଆର୍ଥିକ କାରବାର ସମ୍ପର୍କରେ ଆଭାସୀ ମାଧ୍ୟମରେ ସୂଚନା ପ୍ରଦାନ କରିଥିଲେ। ସଭାରେ ପଞ୍ଚାୟତର ସମସ୍ତ ସଭ୍ୟାସଭ୍ୟଙ୍କ ସହ ପ୍ରମୁଖ କର୍ମୀ ଦିଲୀପ କୁମାର ପଣ୍ଡା, ହୃଷୀକେଶ ପଣ୍ଡା, ମନୋରଞ୍ଜନ ସାମଲ, ଲକ୍ଷ୍ମୀନାରାୟଣ ପଣ୍ଡା, ରାଜକିଶୋର ମଲ୍ଲିକ, ପ୍ରକାଶ ସାମଲ, ଅଜୟ ମଲ୍ଲିକ, ରମେଶ ପାଣିଗ୍ରାହୀ, ନେହେରୁ ପଣ୍ଡା, ଶିବପ୍ରସାଦ ରଥ, ଦଶରଥ ଦାସ, ଚନ୍ଦନ ଦାସ, ନୀଳମାଧବ ସାମଲ, କିଶୋର ସାମଲ, ଗଗନ ସ୍ୱାଇଁ, ଦେବେନ୍ଦ୍ର ନାଥ, ମଣ୍ଟୁ ପଣ୍ଡା, ଶାନ୍ତନୁ ତରାଇ, ତପନ ରାଉତ, ପ୍ରଫୁଲ୍ଲ ପଣ୍ଡା, ବିବେକାନନ୍ଦ ନାୟକ, ଦୀପମ ମହାଳିକ, ପ୍ରଣବ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ବରୀ,୯।୫(ଡି.ଏନ୍.ଏ.):

ବରୀ ବ୍ଲକ୍ ଅଧୀନ ବାଲିବିଲ ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧନେଶ୍ୱର ସାମଲଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୯୩ ବର୍ଷ ବୟସ ହୋଇଥିଲା। ସେ ବାଲିବିଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷାଦାନ ଆରମ୍ଭ କରି ସେହି ବିଦ୍ୟାଳୟରୁ ହିଁ ଅବସର ଗ୍ରହଣ କରିଥିଲେ। ଶିକ୍ଷକତାକୁ ଛାଡ଼ି ଚାରାରୋପଣ, ସମାଜ ସଂସ୍କାର କାର୍ଯ୍ୟରେ ନିଜକୁ ନିୟୋଜିତ କରି ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଭିନ୍ନ ସାମାଜିକ ସଂଗଠନ ସହ ଜଡ଼ିତ ହେବା ସହ ପରିବେଶ ସୁରକ୍ଷା କ୍ଷେତ୍ରରେ



କାର୍ଯ୍ୟ କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବରୀ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ବରୀ ବିଧାୟିକା ସୁନନ୍ଦା ଦାସ, ବାଲିବିଲ ସରପଞ୍ଚ ମଧୁସ୍ମିତା ସାମଲ, ଶିଶୁକବି ନିର୍ମଳ ଗିରି, ଦୀପକ କୁମାର ସାମଲ, ପ୍ରାକ୍ତନ ସରପଞ୍ଚ ସୁଧାଂଶୁ ସାମଲ, ସମିତିସଭ୍ୟା ସୁଧାଂଶୁବାଳା ସାମଲ, ଖବରଦାତା ମହେନ୍ଦ୍ର ସ୍ୱାଇଁ ଓ ପୂର୍ବତନ ଶିକ୍ଷକ ଦିନବନ୍ଧୁ ସାମଲ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ସାରସ୍ୱତ ସାଧକଙ୍କୁ ସମ୍ବର୍ଦ୍ଧନା


ସାରସ୍ୱତ ସାଧକ ରମାକାନ୍ତ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଧର୍ମଶାଳା,୯।୫(ଡି.ଏନ.ଏ.):

ଯାଜପୁର ଜିଲା ଲେଖକ ସମ୍ମେଳନ ଓ ଗୋକର୍ଣ୍ଣିକା ସାହିତ୍ୟ ସମାଜ ଜାରକା ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଧର୍ମଶାଳା ପ୍ରେସ୍‌କ୍ଲବ ପରିସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ସାରସ୍ୱତ ସାଧକ ସମ୍ମାନ ପାଇଥିବା ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଜିଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ଅତିଥିଭାବେ ବିଶିଷ୍ଟ କବି ଡ. ଗୌତମ ଜେନା ଓ ଡ. ଇନ୍ଦୁପ୍ରଭା ସାମଲ ଯୋଗଦେଇ ଜେନାଙ୍କ ସାହିତ୍ୟକୃତି ଓ ସାଂଗଠନିକ ଦକ୍ଷତା ସମ୍ପର୍କରେ ଆଲୋକପାତ କରିବା ସହ ସମ୍ବର୍ଦ୍ଧନା ଲେଖକ,ପାଠକ ମଧ୍ୟରେ ସଂଯୋଗ ସ୍ଥାପନ କରିଥାଏ ବୋଲି କହିଥିଲେ। ଏହି ଅବସରରେ ପ୍ରେସ୍‌କ୍ଲବର ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ପୂର୍ବତନ ସମ୍ପାଦକ ହୃଷୀକେଶ ସାମଲ, ପଣ୍ଡିତ ବ୍ରଜକିଶୋର ଦାଶ, ସୂର୍ଯ୍ୟାସ୍ତ ସମ୍ପାଦକ ବିବେକାନନ୍ଦ ରାୟ, ଶିଳାଲିପି ପକ୍ଷରୁ ଅଜୟ କୁମାର ବଳ, ପ୍ରଦୀପ ସାମଲ, ସୁନାକର ସାହୁ, ଡ. ତୁହିନାଂଶୁ ରଥ, ବିଜୟ ନାୟକ, ଡ. ସସ୍ମିତା ଦାଶ, ମଧୁସୂଦନ ମହାପାତ୍ର, କବି ବ୍ରଜବନ୍ଧୁ ଶତପଥୀ, ଶତରୂପା ସାହିତ୍ୟ ସଂସଦ ସମ୍ପାଦକ ମନୋଜ ନାୟକ, ଗୋଲକ ଚନ୍ଦ୍ର ପଲାଇ, ମାନସ ରଞ୍ଜନ ଜେନା, ପ୍ରେସ୍‌କ୍ଲବ ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ, ବରିଷ୍ଠ ସାମ୍ବାଦିକ କୈଳାସ ଚନ୍ଦ୍ର ନାୟକ, ଅଖିଳ କୁମାର ସ୍ୱାଇଁ, ଆଇନଜୀବୀ ସନ୍ତୋଷ କୁମାର ତରାଇ ଓ ବିନୋଦ ବିହାରୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ ଦିଆଯାଇ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଂଗଠନ ସମ୍ପାଦକ ପ୍ରତାପରୁଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଆଦର୍ଶ ଶିକ୍ଷକଙ୍କ ବିୟୋଗ

ଯାଜପୁର ରୋଡ୍,୯।୫(ଡି.ଏନ.ଏ.): ଯାଜପୁର ରୋଡ୍ ନରସିଂହ ଚୌଧୁରୀ ହାଇସ୍କୁଲର ପୂର୍ବତନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାମଲଙ୍କ ୬୯ ବର୍ଷ ବୟସରେ ବିୟୋଗ ହୋଇଯାଇଛି। ଦୀର୍ଘଦିନ ସେ ନରସିଂହ ଚୌଧୁରୀ ହାଇସ୍କୁଲରେ ଶିକ୍ଷକ ରହିଥିବାବେଳେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର କ୍ୟାପଟେନ ଦାୟିତ୍ୱ ତୁଲାଇଥିଲେ। ଜଣେ ମିଷ୍ଟଭାଷୀ, ମେଳାପୀ ସହ ଛାତ୍ର ବତ୍ସଳ ଶିକ୍ଷକ ଥିଲେ। କିଛି ଦିନ ହେବ ଅସୁସ୍ଥତା କାରଣରୁ ତାଙ୍କୁ ଭୁବନେଶରର ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସୋମବାର ରାତିରେ ବିୟୋଗ ହୋଇଥିଲା। ମୃତଦେହ ଯାଜପୁର ରୋଡ୍‌ସ୍ଥିତ ମୁଣ୍ଡମାଳ ବାସଭବନରେ ପହଞ୍ଚିବା ପରେ ବହୁ ପୁରାତନ ଛାତ୍ର ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ପ୍ରକାଶ କରିଥିଲା। ମୃତ୍ୟୁ ଶଯ୍ୟା ନିକଟରେ ପରିବାର ଲୋକେ ଉପସ୍ଥିତ ଥିଲେ।

# ଜିଲା ରେଡକ୍ରସ୍‌କୁ ସହାୟତାରେ ଦ୍ୱିତୀୟ ସ୍ଥାନରେ ଜିନ୍ଦଲ


ରେଡ୍‌କ୍ରସ୍ ପକ୍ଷରୁ ଜିନ୍ଦଲ କମ୍ପାନୀ ଅଧିକାରୀଙ୍କୁ ସମ୍ମାନିତ କରାଯାଉଛି।

କଳିଙ୍ଗନଗର,୯।୫(ଡି.ଏନ.ଏ.):

ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସଭାରେ ଜିଲା ରେଡ୍‌କ୍ରସକୁ ଆର୍ଥିକ ଅନୁଦାନ ଦେଇଥିବା ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କୁ ଉପଢ୍ୱୌକନ, ଉତ୍ତରୀୟ ଓ ମାନପତ୍ର ଦିଆଯାଇ ଜିଲା ରେଡ୍‌କ୍ରସ ସୋସାଇଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଉପଜିଲାପାଳ ଗୋପୀନାଥ କୁଅଁର ଯୋଗଦେଇ ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଧନ୍ୟବାଦ ଜଣାଇଛନ୍ତି।

ଜିଲା ରେଡ୍‌କ୍ରସ ଶାଖା ସମ୍ପାଦକ କୁଳମଣି ନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅନୁଦାନ ରାଶି ହିସାବରେ ସମଗ୍ର ଜିଲାରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିବା କଳିଙ୍ଗନଗରସ୍ଥିତ ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ୍‌କୁ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ ସମ୍ବର୍ଦ୍ଧିତ କରିବା ସହ କମ୍ପାନୀର ଅଧିକାରୀ ନୀଳମାଧବ ରଥଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଜିନ୍ଦଲ ଆଗଭର ହୋଇ ଜାତୀୟ ରେଡ୍‌କ୍ରସ ସୋସାଇଟିକୁ ସହାୟତାର ହାତ ବଢ଼ାଇ ଜିଲା ରେଡ୍‌କ୍ରସ ପାଣ୍ଠିକୁ ସୁଦୃଢ କରାଇଥିବାରୁ ଏହି ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଥିବା ସମସ୍ତ ପ୍ରଶାସନିକ ଅଧିକାରୀ କମ୍ପାନୀକୁ ପ୍ରଶଂସା କରିବା ସହିତ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସଭାରେ ଉଦ୍‌ବୋଧନ ଦେଇ ଅଧିକାରୀ ରଥ ଜିନ୍ଦଲ ଷ୍ଟେନଲେସ ଲିମିଟେଡ୍ ଆଗକୁ ମଧ୍ୟ ଏଭଳି ଅନୁଦାନ ଜାରି ରଖିବାକୁ ଲକ୍ଷ୍ୟ ରଖିଛି ବୋଲି କହିଥିଲେ।

# ବ୍ରାହ୍ମଣୀ ବାମପାର୍ଶ୍ୱ ନଦୀବନ୍ଧ ସୁଦୃଢ଼ୀକରଣ ହେବ

- ବରୀକୁ ବାଇପାସ୍ ରାସ୍ତା ସଂଯୋଗ କରାଯିବ
- ସଡ଼ମ୍ବା-ଅରୁଆଳ ନଦୀବନ୍ଧ ରାସ୍ତା ରୂପରେଖକୁ ନେଇ ସର୍ଭେ ଆରମ୍ଭ

ରସୁଲପୁର,୯।୫(ଡି.ଏନ.ଏ.):

ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମାଖଣ୍ଡି ପଞ୍ଚାୟତ ସଡ଼ମ୍ବା ଗ୍ରାମରୁ ବରୀ ବ୍ଲକ ଅରୁଆଳ ପଞ୍ଚାୟତ ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତା ସୁଦୃଢ଼ୀକରଣ କରାଯିବ। ଏହି ରାସ୍ତା ବରୀ ଅଞ୍ଚଳ ପାଇଁ ଏକ ବିକଳ୍ପ ରାସ୍ତା ଭାବେ ଉଭା ହେବ। ଦୀର୍ଘ ବର୍ଷଧରି ବରୀକୁ ଏକ ବାଇପାସ୍ ରାସ୍ତା ସଂଯୋଗ କରିବା ପ୍ରୟାସ ସଫଳ ହୋଇପାରିବ। ଏଥିପାଇଁ ମଙ୍ଗଳବାର ରାସ୍ତାର ରୂପରେଖକୁ ନେଇ ସର୍ଭେ ଆରମ୍ଭ ହୋଇଛି। ପୂର୍ତ୍ତ ବିଭାଗର ଏକ ସର୍ଭେ ଟିମ୍ ପକ୍ଷରୁ ରାସ୍ତାର ସ୍ଥିତିକୁ ପରଖିବା ସହ ମାପଚୁପ୍ କରାଯାଇଛି। ଏ ନେଇ ବିଭାଗ ପକ୍ଷରୁ ଡିଜାଇନ ପ୍ରୋଜେକ୍ଟ ରିପୋର୍ଟ(ଡିପିଆର୍) ପ୍ରଦାନ କରାଯିବ। ଉକ୍ତ ରିପୋର୍ଟ ଆଧାରରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗୀୟ ଅଧିକାରୀଙ୍କଠାରୁ ସୂଚନା ମିଳିଛି।

ବରୀ ଜଳ ସମ୍ପଦ ବିଭାଗ ପକ୍ଷରୁ


ରାସ୍ତା କାର୍ଯ୍ୟ ପାଇଁ ସର୍ଭେ କରାଯାଉଛି।

ନଦୀବନ୍ଧ ରାସ୍ତାର ସୁଦୃଢ଼ୀକରଣ କାର୍ଯ୍ୟ ସମ୍ପନ୍ନ ପାଇଁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। ବରୀ ବିଧାୟିକା ସୁନନ୍ଦା ଦାସ ସଡ଼ମ୍ବା ଗ୍ରାମ ନିକଟରେ ପହଞ୍ଚି ବରୀ ଓ ଜାରକା ଜଳ ସମ୍ପଦ ଡିଭିଜନର ସୀମାନ୍ତବର୍ତ୍ତୀ ଅଞ୍ଚଳକୁ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ଘଟଣାସ୍ଥଳରେ ଉପସ୍ଥିତ ଥିବା ସର୍ଭେୟର ଟିମ୍ ସହ ଆଲୋଚନାବେଳେ ସଡ଼ମ୍ବା-ଅରୁଆଳ ୨୮କି.ମି. ଲମ୍ବ ଦୀର୍ଘ ନଦୀବନ୍ଧ ରାସ୍ତାରୁ ପ୍ରଥମ ପର୍ଯ୍ୟାୟରେ ୧୭ କି.ମି. ରାସ୍ତାକୁ ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ କରାଯିବାକୁ ବ୍ୟୟବରାଦ କରାଯାଇଛି। ବାକି ୧୧କି.ମି. ରାସ୍ତାକୁ ତୁରନ୍ତ ଟେଣ୍ଡର ପ୍ରକ୍ରିୟାକୁ ଯିବାକୁ ଲକ୍ଷ୍ୟ ରଖାଯାଇଛି। ରାସ୍ତାକୁ ସାଢ଼େ ୮ ମିଟର ଚଉଡ଼ା କରିବାକୁ ଲକ୍ଷ୍ୟ ରଖାଯାଇଛି। ନଦୀବନ୍ଧ ପାର୍ଶ୍ୱରେ ଅବସ୍ଥିତ ଜନବସତି ଓ ସରକାରୀ ଜମିକୁ ଚିହ୍ନଟ କରାଯାଇ ବିଭାଗକୁ ହସ୍ତାନ୍ତର କରିବାକୁ ସ୍ଥାନୀୟ ତହସିଲଦାରକୁ ଚିଠି କରାଯିବ। ବନ୍ଧର ଉଭୟ ପାର୍ଶ୍ୱକୁ ସମାନ ଭାବରେ ପ୍ରଶସ୍ତୀକରଣ କରାଯିବ। ଯେଉଁ ପାର୍ଶ୍ୱରେ ସରକାରୀ ଜମି ନ ଥିବ ଅପରପାର୍ଶ୍ୱକୁ ଚଉଡ଼ା କରିବାକୁ ପ୍ରସ୍ତାବ ରହିଛି। ବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟ ୨୦୨୪ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ବିଧାୟିକା ଦାସ ସୂଚନା ଦେଇଛନ୍ତି। ଏଠାରେ ଅନୁଷ୍ଠିତ ସର୍ଭେ କାର୍ଯ୍ୟ ସମୟରେ ଗୋପାଳପୁର ପୂର୍ତ୍ତ ବିଭାଗ ସବଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ନରୋତ୍ତମ ଦାସ, ବରୁଆଁ ସବ୍‌ଡିଭିଜନର ସହକାରୀ ଯନ୍ତ୍ରୀ ଅରବିନ୍ଦ ମହାନ୍ତି, ବରୀ ବିଜେଡି ମାର୍ଗଦର୍ଶକ ଦେବେନ୍ଦ୍ର ଦାସ, ପ୍ରଥମାଖଣ୍ଡି ପଞ୍ଚାୟତର ଯୁବ ସଂଗଠକ ଚତୁର୍ଭୁଜ ଦାସ, ପୂର୍ବତନ ସରପଞ୍ଚ ବେଣୁଧର ଦାସ, ଅଲେଖ ପଲେଇ ଓ ଅଜୟ ଦୁବେଇ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶଥାଉକି, ବରୀ ନିର୍ବାଚନମଣ୍ଡଳୀଟି ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ଅବବାହିକାରେ ଅବସ୍ଥିତ। ଏହି ନିର୍ବାଚନମଣ୍ଡଳୀର ଅଧିକାଂଶ ପଞ୍ଚାୟତ ନଦୀବନ୍ଧ ସଂଲଗ୍ନ ରହିଛି। ବିଶେଷକରି ରସୁଲପୁର ବ୍ଲକରୁ ବରୀ ନିର୍ବାଚନମଣ୍ଡଳରେ ସାମିଲ ହୋଇଥିବା ୧୦ ପଞ୍ଚାୟତ ବ୍ରାହ୍ମଣୀ ନଦୀ ବାମପାର୍ଶ୍ୱ ବନ୍ଧ ସହ ଯୋଡ଼ିହୋଇଛି। ବନ୍ଧର ସୁଦୃଢ଼ୀକରଣ କାର୍ଯ୍ୟ ଶେଷ ହେବା ପରେ ଏହି ବାଟ ଦେଇ ବରୀକୁ ଭାରିଯାନ ଯାତାୟାତ ପାଇଁ ଏକ ବିକଳ୍ପ ରାସ୍ତା ମିଳିପାରିବ। କୁଆଖିଆ-ବରୀକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ଅନେକ ସମୟରେ ଜାମ ରହୁଛି। ଏହି ସମୟରେ ନଦୀବନ୍ଧ ରାସ୍ତାକୁ ବ୍ୟବହାର କରାଯାଇପାରିବ। ଏହାଛଡ଼ା ନଦୀବନ୍ଧ ସୁଦୃଢ଼ୀକରଣ କରାଗଲେ ବନ୍ୟା ନିୟନ୍ତ୍ରଣ ସହ ଲୋକଙ୍କ ଗମନାଗମନ ସୁବିଧା ସୃଷ୍ଟି କରାଯାଇପାରିବ। ଏଥିପୂର୍ବରୁ ବ୍ରାହ୍ମଣୀ ନଦୀବନ୍ଧର ଶ୍ରୀବନ୍ତପୁର-ଶିଆଳିଆ ଓ ଦୁର୍ଗାପୁର-ଶିଆଳିଆ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହୋଇସାରିଛି। ସଡ଼ମ୍ବା-ଅରୁଆଳ ରାସ୍ତା ନିର୍ମାଣ କାର୍ଯ୍ୟ ସରିଗଲେ ବ୍ରାହ୍ମଣୀ ନଦୀବନ୍ଧର ପ୍ରମୁଖ ଅଂଶ ସୁଦୃଢ଼ୀକରଣ ହୋଇପାରିବ ବୋଲି କୁହାଯାଉଛି।

## ସଂକ୍ଷେପରେ

### ଅଗ୍ନିଶମ ବାହିନୀ ତରଫରୁ ଜଳଛତ୍ର ଖୋଲିଲା




ନୂଆଗାଁ,୯।୫(ଡି.ଏନ.ଏ.)-ଭୀଷଣ ଖରା ସାଙ୍ଗକୁ ଅସହ୍ୟ ଗୁଲୁଗୁଳିରେ ଲୋକେ ଅସ୍ତବ୍ୟସ୍ତ ହେଲେଣି । ଦିନ ୧୦ଟା ପରେ ଘରୁ ବାହାରିବା କଷ୍ଟକର ହୋଇ ପଡୁଛି । ପ୍ରତି ବର୍ଷ ବ୍ଲକ ପ୍ରଶାସନ ଓ ପଞ୍ଚାୟତ ତରଫରୁ ବାଟୋଇମାନଙ୍କ ନିମନ୍ତେ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲା ଯାଉଥିଲା । କିନ୍ତୁ ଚଳିତ ବର୍ଷ କୌଣସି ସ୍ଥାନରେ ଜଳଛତ୍ରର ବ୍ୟବସ୍ଥା କରାଯାଇନାହିଁ । ଫଳରେ ବାଟୋଇମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । ତେବେ ଜନସାଧାରଣଙ୍କ ସେବା ପାଇଁ ସବୁବେଳେ ପ୍ରସ୍ତୁତ ଥିବା ଅଗ୍ନିଶମ ବାହିନୀ କର୍ମଚାରୀମାନେ ରାସ୍ତା କଡ଼ରେ ଜଳଛତ୍ରର ବ୍ୟବସ୍ଥା କରିଛନ୍ତି । ନୂଆଗାଁ ଫାୟାର ଅଫିସର ଅପୂର୍ବ ରଞ୍ଜନ ସାହୁଙ୍କୁ ନେତୃତ୍ୱରେ ଏହି ଜଳଛତ୍ର ଖୋଲାଯାଇଛି । ନୂଆଗାଁ ଅଗ୍ନିଶମ ବାହିନୀର ସମସ୍ତ କର୍ମଚାରୀ ଏଥିରେ ସାମିଲ ହୋଇ ବାଟୋଇମାନଙ୍କୁ ଦହିପଣା ବଣ୍ଟନ କରୁଛନ୍ତି ।

### ଟ୍ରେନ ଧକ୍କାରେ ୩ ଗୋରୁ ମୃତ

ନୂଆଗାଁ,୯।୫(ଡି.ଏନ.ଏ.)-ଖୋର୍ଦ୍ଧା ରୋଡ଼ (ଜଟଣୀ) ବଲାଙ୍ଗୀର ରେଳପଥ ନୂଆଗାଁ ଷ୍ଟେଶନ ନିକଟରେ ସୋମବାର ଟ୍ରେନ ଧକ୍କାରେ ତିନି ଗୋରୁଙ୍କ ମୃତ୍ୟୁ ଘଟିଛି । ସୋମବାର ରାତିରେ ପୁରୀରୁ ନୂଆଗାଁ ଆସୁଥିବା ଟ୍ରେନ ସମ୍ମୁଖକୁ ୩ ଗୋରୁ ଚାଲି ଆସିଥିଲେ । ଫଳରେ ଟ୍ରେନ ଧକ୍କାରେ ୩ ଗୋରୁଙ୍କ ମୃତ୍ୟୁ ଘଟିଥିଲା ।

### ବାଲ୍ୟବିବାହ ରୋକିଲା ଚାଇଲଡ ଲାଇନ

ଫୁଲବାଣୀ ଅଫିସ/ଗୋଛାପଡା,୯।୫: ଜଣେ ନାବାଳିକାଙ୍କ ସହ ଏକ ଯୁବକଙ୍କ ବିବାହ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ମଙ୍ଗଳବାର ଚାଇଲଡ ଲାଇନ ଘଟଣା ସ୍ଥଳରେ ପହଞ୍ଚି ଏହି ବାଲ୍ୟବିବାହକୁ ରୋକିଛି। ସୂଚନା ଅନୁସାରେ ଗୋଛାପଡା ଥାନା ପକାରୀ ପଞ୍ଚାୟତ ସିପାଞ୍ଜରୀ ଗ୍ରାମରେ ଜଣେ ନାବାଳିକାଙ୍କ ସହ ଜଣେ ଯୁବକଙ୍କ ବିବାହ ପାଇଁ ପ୍ରସ୍ତୁତି ଚାଲିଥିବା ନେଇ ଚାଇଲଡ ଲାଇନକୁ ଖବର ମିଳିଥିଲା। ଏ ନେଇ ଗୋଛାପଡା ଥାନାକୁ ଖବର ଦିଆଯିବା ପରେ ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀଙ୍କ ସହ ଫିରିଙ୍ଗିଆ ସିଡିପିଓ ହରପ୍ରିୟା ମେହେର, ସୁପରଭାଇଜର ବିନୋଦିନୀ କହଁର, ସମିତି ସଭ୍ୟ ଅରୁଣ ଦିଗାଲଙ୍କ ସମେତ ଚାଇଲଡ ଲାଇନ କର୍ମକର୍ତ୍ତା ପ୍ରଭାସ ରଞ୍ଜନ ନାୟକ ଗ୍ରାମରେ ପହଞ୍ଚି ବିବାହ ରୋକିଥିଲେ। ନାବାଳିକାକୁ ଉଦ୍ଧାର କରାଯାଇ ସାଧନ ଶିଶୁ ଯତ୍ନ କେନ୍ଦ୍ରରେ ରଖାଯାଇଛି।

# ଓଡ଼ିଶା ସରକାରଙ୍କ ଡ୍ୟୁଟି ଲେଖାଥିବା ବୋଲେରୋରୁ ଗଞ୍ଜେଇ ଜବତ

ନୟାଗଡ଼ ଅଫିସ,୯।୫: ଓଡ଼ିଶା ସରକାରଙ୍କ ଡ୍ୟୁଟି ଲେଖାଥିବା ଏକ ବୋଲେରୋରୁ ନୟାଗଡ଼ ଅବକାରୀ ସ୍କ୍ୱାର୍ଡ ୧୨କେଜି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି । ଏହି ଘଟଣାରେ ନୟାଗଡ଼ ଅବକାରୀ ସ୍କ୍ୱାର୍ଡର ଭୂମିକା ସନ୍ଦେହଘେରକୁ ଆସିଛି । ଯଦିଓ ଜିଲା ଅବକାରୀ ବିଭାଗର ସ୍କ୍ୱାର୍ଡ କନ୍ଧମାଳ ଜିଲା ଫିରିଙ୍ଗିଆ ଗାଁର ସେବକ ଦିଗାଲ(୩୩) ଓ ଇଟାମାଟି ଥାନା ହରେକୃଷ୍ଣପୁର ଗାଁର ପୂର୍ଣ୍ଣଚନ୍ଦ୍ର ଖଣ୍ଡାଙ୍କୁ ଜେଲ ପଠାଇ ବାହାବା ନେଇଛି ତେବେ ବୋଲେରୋ ସହ ଗଞ୍ଜେଇ ଜବତ ଘଟଣା ପଛରେ ଏକ ବଡ଼ ଧରଣର ହେରଫେର ହୋଇଥିବା ଚର୍ଚ୍ଚା ହେଉଛି । ଅବକାରୀ ସ୍କ୍ୱାର୍ଡ ୧୨ କେଜି ଗଞ୍ଜେଇ ଜବତ ହୋଇଥିବା କହୁଥିବାବେଳେ ୧ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇକୁ ଉଭାନ କରାଯାଇଛି । ପୁଣି ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଚାଲାଣକାରୀ ୨ ଜଣ ଯୁବତୀଙ୍କୁ ମୋଟା ଅଙ୍କର ହାତଗୁଞ୍ଜା ନିଆଯାଇ ଖସାଇ ଦିଆଯାଇଥିବା ଅଭିଯୋଗ ଉଠିଛି। ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଓଡି୦୫ଏଲ ୧୮୮୬ ନଂ. ବୋଲେରୋରେ କନ୍ଧମାଳର ଫିରିଙ୍ଗିଆରୁ ପ୍ରାୟ ଦେଢ଼ କୁଇଣ୍ଟାଲ ଗଞ୍ଜେଇ ନୟାଗଡ଼କୁ ସୋମବାର ଆସିଥିଲା ।



ଜବତ ବୋଲେରୋ, ଗଞ୍ଜେଇ । ଗିରଫ ୨ ଚାଲାଣକାରୀ ।

**୨ ଚାଲାଣକାରୀ ଜେଲ୍ ଗଲେ**

- ଡ୍ରାଇଭର ଫସିଲେ, ମୁଖ୍ୟ ବ୍ୟବସାୟୀ ଓ ୨ ଯୁବତୀ ଖସିଲେ
- ଜବତ ଦର୍ଶାଗଲା ୧୨ କେଜି, ୧କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଉଭାନ
- ସନ୍ଦେହରେ ଜିଲା ଅବକାରୀ ସ୍କ୍ୱାର୍ଡର ଭୂମିକା

ବୋଲେରୋଟି ସୋମବାର ସନ୍ଧ୍ୟାରେ ଜିଲା ଅବକାରୀ କାର୍ଯ୍ୟାଳୟ ଦେଇ ଅତିକ୍ରମ କରିଥିଲା । ଏହି ସମୟରେ ଜଣେ ବ୍ୟକ୍ତି ଗଞ୍ଜେଇ ଚାଲାଣ ସମ୍ପର୍କରେ ବୋଲେରୋକୁ ଦେଖାଇ ଚଢ଼ାଉ କରିବାକୁ ଅବକାରୀ କର୍ମଚାରୀମାନଙ୍କୁ ଅନୁରୋଧ କରିଥିଲେ। ଅବକାରୀ ସ୍କ୍ୱାର୍ଡ ପକ୍ଷରୁ ବୋଲେରୋକୁ ନୟାଗଡ଼ ଓ ରଣପୁର ଉଭୟ ଦିଗରୁ ପିଛା କରି ଜହ୍ନିପଦା ନିକଟରୁ ଧରିଥିଲେ । ଚଢ଼ାଉ ସମୟରେ ବୋଲେରୋରେ ୨ଜଣ ଯୁବତୀ ଓ ଫିରିଙ୍ଗିଆର ଗଞ୍ଜେଇ ବ୍ୟବସାୟୀଙ୍କ ସମେତ ୫ଜଣ ଥିଲେ । ଅବକାରୀ ବିଭାଗର ସ୍କ୍ୱାର୍ଡ ସମସ୍ତଙ୍କୁ ଅଟକାଇ ଗଞ୍ଜେଇ ଚାଲାଣର ଗୁମର ଖୋଲିବାକୁ ଚେଷ୍ଟା କରିଥିଲେ । ତେବେ ସୋମବାର ବିଳମ୍ବିତ ରାତିରେ ମୁଖ୍ୟ ବ୍ୟବସାୟୀ ଓ ୨ ଯୁବତୀଙ୍କୁ ଚତୁରତାର ସହ ଖସାଇ ଦିଆଗଲା । ମଙ୍ଗଳବାର ବୋଲେରୋ ଡ୍ରାଇଭର ସେବକ ଦିଗାଲ ଓ ହରେକୃଷ୍ଣପୁରର ବ୍ୟବସାୟୀ ପୂର୍ଣ୍ଣଚନ୍ଦ୍ର ଖଣ୍ଡାକୁ ଗିରଫ ଦେଖାଇ କୋର୍ଟ ଚାଲାଣ କରାଗଲା । ଏପରି କି ୧୨ କେଜି ଗଞ୍ଜେଇ ଜବତ ଦେଖା ଯାଇଥିବାବେଳେ ସୋମବାର ଘଟଣାକୁ ମଙ୍ଗଳବାର ଦେଖାଇ ମଜୁରିଆ ପଲ୍ଲୀ ଭୈରବୀ ମନ୍ଦିର ଅଞ୍ଚଳ ବୋଲି ଦର୍ଶାଇ ବାହାବା ନିଆଗଲା। ଯାହାକି ଅବକାରୀ ବିଭାଗ କାର୍ଯ୍ୟାଳୟ ନିକଟସ୍ଥ ଅଞ୍ଚଳର ସିସିଟିଭି ଯାଞ୍ଚ କଲେ କିଛି ସତ୍ୟ ପଦାକୁ ଆସିବ ବୋଲି ସମ୍ପୃକ୍ତ ବ୍ୟକ୍ତି କହିଛନ୍ତି । ଘଟଣାର ଯାଞ୍ଚ ହେଲେ ୫ରୁ ଉର୍ଦ୍ଧ୍ୱ କର୍ମଚାରୀ ଫସିବେ ବୋଲି ସେ କହିଛନ୍ତି । ତେବେ ଅବକାରୀ ସ୍କ୍ୱାର୍ଡ ବିରୋଧରେ ଆସିଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି ଅବକାରୀ ସ୍କ୍ୱାର୍ଡର ଭକ୍ତ ବତ୍ସଳ ବର୍ମା । ଏନେଇ ସେ କୁହନ୍ତି, ଅବକାରୀ ସ୍କ୍ୱାର୍ଡ ବୋଲେରୋ ଓ ୧୨ କେଜି ଗଞ୍ଜେଇ ସହ ୨ଜଣଙ୍କୁ ମଜୁରିଆ ପଲ୍ଲୀ ଭୈରବୀ ମନ୍ଦିର ନିକଟରୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି । ସ୍କ୍ୱାର୍ଡ କାହାରିକୁ ଛାଡ଼ି ନାହିଁ । ତେବେ ଅଭିଯୁକ୍ତଙ୍କୁ ଦେଖା କରିବାକୁ ୨ଜଣ ଯୁବତୀ ଆସିଥିଲେ। କିନ୍ତୁ ଜଣେ ବ୍ୟକ୍ତି ଆମକୁ ଚକମା ଦେଖାଇ ଏକ ଗଞ୍ଜେଇ ବସ୍ତା ନେଇ ପଳାଇ ଯାଇଥିଲେ। ଫେରାର ବ୍ୟକ୍ତି କିଏ, କେତେ ଗଞ୍ଜେଇ ନେଇଛନ୍ତି କିଛି ଜଣାପଡିନାହିଁ । ଆମକୁ ଅଯଥାରେ ବଦନାମ କରାଯାଉଛି । ଆମେ ଗଞ୍ଜେଇ ଅଭିଯୁକ୍ତଙ୍କୁ ଛାଡିବାର ପ୍ରଶ୍ନ ଉଠୁନି ବୋଲି ସେ କହିଛନ୍ତି । ତେବେ ଅବକାରୀ ଏସ୍‌ପି କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶରେ ଧରପଗଡ଼କୁ ତ୍ୱରାନ୍ୱିତ କରାଯାଇଛି ବୋଲି ସେ କହିଛନ୍ତି।

# ପଛୁଆ ବର୍ଗରେ ସାମିଲ୍ କରିବା ପାଇଁ ପ୍ରସ୍ତାବ ଗୃହୀତ

**କମାରଜାତି କଲ୍ୟାଣ ସଂଘର ଜିଲା ସମ୍ମିଳନୀ**

ଦିଗପହଣ୍ଡି,୯।୫(ଡି.ଏନ.ଏ.) କମାରଜାତି ଗଞ୍ଜାମ ଜିଲାର ଏକ ଅବହେଳିତ ଜାତି ହିସାବରେ ପରିଗଣିତ। ଏମାନଙ୍କ ଅର୍ଥନୈତିକ ସାମାଜିକ ଅବସ୍ଥା ଦୁର୍ବିସହ। ଏହି ଜାତିର ଲୋକମାନେ ଶିକ୍ଷାଗତ ଓ ଆର୍ଥିକ ଦୃଷ୍ଟି କୋଣରୁ ପଛୁଆ। ଏଣୁ ସରକାର ସେମାନଙ୍କର ଜାତିକୁ ପଛୁଆ ବର୍ଗର ଶ୍ରେଣୀରେ ସାମିଲ୍ କରି ସେମାନଙ୍କର ଅର୍ଥନୈତିକ ଉନ୍ନତି ଦିଗରେ ସହାୟତା ଯୋଗାଇଦେବା ପାଇଁ ଦିଗପହଣ୍ଡି ବ୍ଲକ୍ ଜକରାପଲ୍ଲୀ କୁରେଇଶୁଣୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ନିଖିଳ ଉତ୍କଳ କମାର ଜାତି କଲ୍ୟାଣ ସଂଘର ଗଞ୍ଜାମ ଜିଲା ସମ୍ମିଳନୀରେ ଦାବି ହୋଇଛି। ଏହା ସହିତ ବୈଜ୍ଞାନିକ ପଦ୍ଧତିର ଜ୍ଞାନ କୌଶଳ ଦ୍ୱାରା କୃଷି ଯନ୍ତ୍ରପାତି ନିର୍ମାଣ କରିବା ଦିଗରେ ବୈଷୟିକ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି। ତାଲୁକ ସଭାପତି ହରିମୂଳୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବଡଖେମୁଣ୍ଡି, ସାନଖେମୁଣ୍ଡି, ଧରାକୋଟ୍, ବଡଗଡ, ଚିକିଟି, ସୁରଙ୍ଗୀ ଓ ଘୁମୁସର ଅଞ୍ଚଳରୁ ଜାତିର ବହୁ କର୍ମକର୍ତ୍ତା ଓ କୂଳ ସମାଜର ଲୋକମାନେ ସମ୍ମିଳନୀରେ ଯୋଗ ଦେଇଥିଲେ। ତାଲୁକା ସମ୍ପାଦକ କୁନା ବିନ୍ଧାଣୀ ବୈଠକରେ ବିବରଣୀ ପଠନ କରିବା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଜିଲା ସଭାପତି ଲୋକନାଥ ବିନ୍ଧାଣୀ, ସମ୍ପାଦକ ସୀମାଞ୍ଚଳ ମୂଳୀ, ଚିନ୍ତାମୁଣୀ ମୁଳୀ, ଭୀମସେନ ବିନ୍ଧାଣୀ, ଗଣେଷ ବିନ୍ଧାଣୀ, ନିରଞ୍ଜନ ମୂଳୀ, ଚୈତନ୍ୟ ମୂଳୀ, ସୀମାଞ୍ଚଳ ଲୋହରା ପ୍ରମୁଖ ସହଯୋଗ କରିଥିଲେ।

# ସ୍ୱଳ୍ପ ଖର୍ଚ୍ଚରେ ମିଳିବ ସ୍ୱାଦିଷ୍ଟ ଖାଦ୍ୟ

## ୨ ମିଶନ ଶକ୍ତି କାଫେ ଉଦ୍‌ଘାଟିତ



କାଫେ ଉଦ୍‌ଘାଟନୀ ଉତ୍ସବରେ ଜିଲାପାଳ ଓ ଅନ୍ୟମାନେ ।

ନୟାଗଡ଼ ଅଫିସ,୯।୫: ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ କ୍ଷୁଦ୍ର ଓ ତଥା ମଧ୍ୟମ ଉଦ୍ୟୋଗୀରେ ରୂପାନ୍ତରିତ କରିବା ପାଇଁ ନୟାଗଡ଼ ଜିଲାରେ ଜିଲାସ୍ତରୀୟ ଓ ନୟାଗଡ଼ ବ୍ଲକସ୍ତରୀୟ ୨ଟି ମିଶନ ଶକ୍ତି କାଫେ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି । ଉଭୟ କାଫେକୁ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଉଦ୍‌ଘାଟନ କରିଛନ୍ତି । ଏହି କାଫେରେ ସ୍ୱଳ୍ପ ଖର୍ଚ୍ଚରେ ମିଳିବ ଘରୋଇ ଉପଚାରରେ ସ୍ୱାଦିଷ୍ଟ ଖାଦ୍ୟ । ବାଉଁଶିଆପଡାର ଜୀବନ ଦ୍ୟୁତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କରାଯାଇଥିବା ଜିଲା ମିଶନ ଶକ୍ତି କାଫେର ଦାୟିତ୍ୱ ନେଇଛି । ଏହି ଜିଲାସ୍ତରୀୟ ମିଶନ ଶକ୍ତି କାଫେରେ ସକାଳେ ଚା' ଓ ଜଳଖିଆ ପରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯିବ । ସେହିଭଳି ପ୍ରତାପପ୍ରସାଦର ମା'ନାରାୟଣୀ ସ୍ୱୟଂ ସହାୟକ ଗୋଷ୍ଠୀ ନୟାଗଡ଼ ବ୍ଲକ ସମ୍ମୁଖରେ ଥିବା ବ୍ଲକସ୍ତରୀୟ ମିଶନ ଶକ୍ତି କାଫେରେ ସ୍ୱତନ୍ତ୍ର ଭାବେ ତନ୍ଦୁରୀ ଚା, ପାଓଭାଜି, ଭେଲପୁରୀ, ଦହି ଲସି ପ୍ରସ୍ତୁତ କରିବେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ପରିଷଦର ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ନୟାଗଡ଼ ବିଡିଓ ପଦ୍ମ ଚରଣ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ମମତା ରାଣୀ ପାତ୍ର, ମିଶନ ଶକ୍ତି ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସମିଧା ପାଢ଼ୀ, ଓଡିଶା ଜୀବିକା ମିଶନର ଡିପିଏମ୍ ସଞ୍ଜୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏନେଇ ଜିଲାପାଳ ରବୀନ୍ଦ୍ର ନାଥ ସାହୁ କୁହନ୍ତି, ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ କ୍ଷୁଦ୍ର ଓ ତଥା ମଧ୍ୟମ ଉଦ୍ୟୋଗୀରେ ରୂପାନ୍ତରିତ କରିବା ପାଇଁ ରାଜ୍ୟ ସରକାର ମିଶନ ଶକ୍ତି କାଫେ ଖୋଲୁଛନ୍ତି । ନୟାଗଡ଼ ଜିଲାରେ ଜିଲା ଓ ବ୍ଲକ ସ୍ତରରେ ଦୁଇଟି କାଫେ ଖୋଲିଛି । ଭବିଷ୍ୟତରେ ଏହା ବଡ଼ ଆକାରରେ କରାଯିବାର ଲକ୍ଷ୍ୟ ରହିଛି । ଏଠାରେ ଘରୋଇ ସ୍ୱାଦିଷ୍ଟ ଖାଦ୍ୟ ମିଳିବ ବୋଲି କହିଛନ୍ତି । ଜିଲା ପରିଷଦର ନିର୍ବାହୀ ଅଧିକାରୀ ରାୟ କୁହନ୍ତି, ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ରୋଜଗାରକୁ ଆର୍ଥିକ ଦୃଷ୍ଟି କୋଣରୁ ସଶକ୍ତ କରାଯିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଜିଲା ପ୍ରଶାସନ ଓ ମିଶନ ଶକ୍ତି ମିଳିତ ଭାବେ ଏହାକୁ ପରିଚାଳନା କରୁଛନ୍ତି । ସାଧାରଣତଃ ଜିଲାପାଳ ଓ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନଙ୍କର ଜଳଖିଆ ଓ ମିଲସର ଅସୁବିଧାକୁ ଏଡାଇବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି ।

# ନିଲମ୍ବିତ ସମ୍ପାଦକଙ୍କ ଘରୁ ଖାଲି ହାତରେ ଫେରିଲେ ତଦନ୍ତକାରୀ ଅଧିକାରୀ

**କୁରାଳ ସୋସାଇଟି ୮ କୋଟି ଟଙ୍କା ଆତ୍ମସାତ୍ ମାମଲା**

ଓଡ଼ଗାଁ,୯।୫(ସ୍ୱ.ପ୍ର.) ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କୁରାଳ ସେବା ସମବାୟ ସମିତିରେ ହୋଇଥିବା ପ୍ରାୟ ୮ କୋଟି ଟଙ୍କାର ଦୁର୍ନୀତିର ତଦନ୍ତ ଆରମ୍ଭ ହୋଇଛି । ଅଭିଯୋଗ ହେବାର ବହୁ ବିଳମ୍ବରେ ତଦନ୍ତ ଆରମ୍ଭ ହୋଇଥିବାରୁ ବିଭାଗୀୟ ଅଧିକାରୀମାନେ ଦୁର୍ନୀତିରେ ଲିପ୍ତ ଥିବା କର୍ମଚାରୀଙ୍କ ଘରୁ ଖାଲି ହାତରେ ଫେରିଛନ୍ତି।

ସୂଚନାଯୋଗ୍ୟ, କୁରାଳ ସେବା ସମବାୟ ସମିତିର ପ୍ରାୟ ୭ଶହ ଜମାକାରୀ ଓ ହିତାଧିକାରୀଙ୍କ ଅନେକ କୋଟି ଟଙ୍କା ହେରଫେର ହୋଇଥିବା ଅଭିଯୋଗ ହୋଇଥିଲା। ଅଡିଟ୍ ରିପୋର୍ଟ ଆସିବା ପରେ ସମ୍ପାଦକ କାଳୁ ଚରଣ ରାଉତଙ୍କ ବିରୋଧରେ ଭିଜିଲାନ୍ସ ମାମଲା ରୁଜୁ କରାଯିବା ସହିତ ଚାକିରୀରୁ ନିଲମ୍ବିତ କରାଯାଇଥିଲା । ହେଲେ ବିଳମ୍ବରେ ଆସିଥିବା ଅଡିଟ୍ ରିପୋର୍ଟରେ ନିଲମ୍ବିତ ସମ୍ପାଦକଙ୍କ ସହିତ ସମ୍ପୃକ୍ତ ସମିତିର କୋଷାଧ୍ୟକ୍ଷ ତ୍ରିନାଥ ଦାଶଙ୍କ ସମ୍ପୃକ୍ତ ଥିବା ପର୍ଦ୍ଦାଫାଶ ହୋଇଥିଲା । ଏହାପରେ କୋଷାଧ୍ୟକ୍ଷ ଦାଶଙ୍କୁ କାରଣଦର୍ଶାଅ ନୋଟିସ, ନିଲମ୍ବନ ଓ ପରେ ପରିଚାଳନା କମିଟି ଦ୍ୱାରା ତାଙ୍କୁ ଚାକିରୀରୁ ବହିଷ୍କାର କରାଯାଇଛି । ଏପରିସ୍ଥଳେ ନିଲମ୍ବିତ ସମ୍ପାଦକ ରାଉତଙ୍କ କୁରାଳସ୍ଥିତ ଘର ଓ ସମ୍ପତ୍ତି ଯାଞ୍ଚ କରିବାକୁ ସମବାୟ ବିଭାଗ ତରଫରୁ ଶନିବାର କୁରାଳ ସୋସାଇଟି ସମ୍ପାଦକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ତଦନୁଯାୟୀ ମଙ୍ଗଳବାର ସକାଳ ସାଢେ ୮ଟାରୁ ସମବାୟ ବ୍ୟାଙ୍କ ପରିଚାଳକ ଓ କେତେଜଣ ପୋଲିସ ଅଧିକାରୀ କୁରାଳ ଛକରେ ପଇନ୍ତରା ମାରୁଥିବା ଦେଖିବାକୁ ମିଳିଥିଲା । ବିଧି ଅନୁସାରେ ସମ୍ପୃକ୍ତ ନିଲମ୍ବିତ ସମ୍ପାଦକଙ୍କ ଘର କୋରକି କରିବାକୁ ସ୍ଥାନୀୟ ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, ଏସ୍‌ଆଇ ସ୍ୱାଗତ ଦାଶ, ସମବାୟ ଅଧିକାରୀ ସୁଦାମ ଚରଣ ନାୟକ, ବ୍ୟାଙ୍କ ପରିଚାଳକ ଦେବାଶିଷ କର, କୁରାଳ ସୋସାଇଟି ସମ୍ପାଦକ ଲିଙ୍ଗରାଜ ସାହୁ ପୋଲିସ ଫୋର୍ସ ସହିତ ଯାଇଥିଲେ । ହେଲେ ସମ୍ପୃକ୍ତ ପରିବାର ଆଗୁଆ ସୂଚନା ପାଇ ଘର ଖାଲି କରିଦେଇଥିବା ଶୁଣିବାକୁ ମିଳିଛି । ସେହି ଘରେ କେବଳ କାଳୁ ରାଉତଙ୍କ ବୃଦ୍ଧା ବାପା ଥିବା ବେଳେ ଅନ୍ୟମାନେ କେହି ନ ଥିଲେ । ଏପରିକି ବହୁ ବର୍ଷ ହେଲା ନିଲମ୍ବିତ ସମ୍ପାଦକ ଓଡ଼ଗାଁରେ ସପରିବାର ରହୁଥିବା ବିଭାଗୀୟ ଅଧିକାରୀମାନେ ଜାଣିଥିଲେ ସୁଦ୍ଧା କେବଳ ଲୋକ ଦେଖାଣିଆ ଭାବେ ଏପରି ଡ୍ରାମା କରାଯାଉଥିବା ସାଧାରଣରେ ଚର୍ଚ୍ଚା ହେଉଛି।


ନିଲମ୍ବିତ ସମ୍ପାଦକଙ୍କ ଘର ଆଗରେ ପୋଲିସ ଓ ଯାଞ୍ଚ କରିବାକୁ ଆସିଥିବା ଅଧିକାରୀ ।

# କଳାବ୍ୟାଜ୍ ପିନ୍ଧିଲେ ବିଦ୍ୟୁତ୍ କର୍ମଚାରୀ


କୋଦଳା ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀଙ୍କ ବିକ୍ଷୋଭ ।


ଧରାକୋଟ ବିଦ୍ୟୁତ୍ କର୍ମଚାରୀଙ୍କ ବିକ୍ଷୋଭ ।

**୧୬ରେ ଆନ୍ଦୋଳନ ଚେତାବନୀ**

ଭଞ୍ଜନଗର/ଧରାକୋଟ/ବେଗୁନିଆପଡ଼ା/ଆସିକା, ୯।୫(ଡି.ଏନ୍.ଏ)

ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ବିଭାଗର ଠିକା କର୍ମଚାରୀମାନେ କଳା ବ୍ୟାଜ ପରିଧାନ କରି ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଭଞ୍ଜନଗର ଟାଟା ପାୱାର କର୍ମଚାରୀ କଳାବ୍ୟାଜ ପରିଧାନ କରି ସ୍ଥାନୀୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ କର୍ମଚାରୀଙ୍କ ଦାବିକୁ ଟାଟା ପାୱାର କର୍ତ୍ତୃପକ୍ଷ ୧୫ ତାରିଖ ସୁଦ୍ଧା ପୂରଣ କରିବା ପାଇଁ ଦାବି କରାଯାଇଛି। ନଚେତ ୧୬ରୁ ରାଜ୍ୟର ବିଭିନ୍ନ ସଂଘରେ କାର୍ଯ୍ୟରତ ହଜାର ହଜାର କର୍ମଚାରୀ ଟାଟା ପାୱାର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। କର୍ମଚାରୀଙ୍କ ପ୍ରତି ଓପିଟିସିଏଲର ଅବହେଳା ଚରମ ସୀମାରେ ପହଁଚିଛି। ଦରମାରେ ରହିଥିବା ଅସଙ୍ଗତିକୁ ଦୂର କରାଯାଉନାହିଁ ବୋଲି ଭଞ୍ଜନଗର ଶାଖା ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଆନ୍ଦୋଳନର ନେତୃତ୍ୱ ଶ୍ରମିକ ନେତା ମନୋଜ ପଣ୍ଡା, କେଦାରନାଥ ରଣା, କବିରାଜ ପ୍ରଧାନ, ବିଭୁପ୍ରସାଦ ବିଷୋୟୀ, ନିଶିକାନ୍ତ ସ୍ୱାଇଁ, ହରପ୍ରସାଦ ବିଷୋୟୀ, ଦୁର୍ଗାମାଧବ ଜେନା, ବିନୋଦ ସାହୁ ପ୍ରମୁଖ ନେଇଥିଲେ।

ସେହିପରି ଧରାକୋଟ ବିଦ୍ୟୁତ ସେକ୍ସନ ଅଧୀନରେ କାର୍ଯ୍ୟରତ ପ୍ରାୟ ୩୦ ଠିକା କର୍ମଚାରୀ କଳାବ୍ୟାଜ ପରିଧାନ କରିଛନ୍ତି।

ସେହିପରି କୋଦଳା ଉପଖଣ୍ଡ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଠିକା କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରିଛନ୍ତି। ବିଦ୍ୟୁତ ବିଭାଗରେ ଖାଲିପଡିଥିବା ପଦବୀଗୁଡିକ ଯୋଗ୍ୟତା ଭିତ୍ତିରେ ପୂରଣକରିବା, ଠିକା କର୍ମଚାରୀଙ୍କୁ ନିୟମିତ କରିବା ସହିତ ମାସିକ ବେତନ ବୃଦ୍ଧି କରିବା, ୨୦୨୨ରେ ବ୍ରହ୍ମପୁର ଟାଟା କର୍ପୋରେଟର କାର୍ଯ୍ୟାଳୟ ସମ୍ମୁଖରେ ଚାକିରି ନିୟମିତ ପାଇଁ ଦୀର୍ଘ ୩୧୮ ଦିନ ଧାରଣାରେ ବସିଥିବା ବେଳେ ଟାଟା କର୍ତ୍ତୃପକ୍ଷ ସମାଧାନର ବାଟ ବାହାର କରିଥିଲେ। ପରବର୍ତ୍ତୀ ସମୟରେ ଏନେଇ ନିଯୁକ୍ତି ପାଇଁ ପରୀକ୍ଷା ମଧ୍ୟ ହୋଇଥିଲା କିନ୍ତୁ ଦୀର୍ଘ ୯୦ ଦିନ ବିତିଯାଇଥିଲେ ମଧ୍ୟ ଏଯାବତ ପରୀକ୍ଷା ଫଳ ପ୍ରକାଶ କରାଗଲା ନାହିଁ। ଏହିଭଳି ୯ ଦଫା ଦାବି ନେଇ ମଙ୍ଗଳବାର ଠାରୁ କଳା ବ୍ୟାଚ୍ ପିନ୍ଧି ପ୍ରତିବାଦ କରୁଛନ୍ତି ଆଉଟସୋର୍ସିଂ ଓ ନିୟମିତ କର୍ମଚାରୀ। ଯଦି ୧୫ ତାରିଖ ଭିତରେ ଦାବିଗୁଡ଼ିକ ସମାଧାନ କରାନଯାଏ ସେକ୍ସନ ଅଫିସ୍ ଠାରୁ ଆରମ୍ଭ କରି ଓପିଇସିଏଲ୍ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ସେହିପରି ଆସିକା କଲେଜ ଛକସ୍ଥିତ ଓପିଟିସିଏଲ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରଦର୍ଶନ କରିଥିଲେ।

# କୁମତି ନିବାର ସୁମତିକେ ସଙ୍ଗୀ କାର୍ଯ୍ୟକ୍ରମ

ଟିକାବାଲି, ୯।୫ ଟିକାବାଲି ପ୍ରଖଣ୍ଡ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଥିବା ହନୁମାନ ମନ୍ଦିରରେ ମଙ୍ଗଳବାର ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ତରଫରୁ 'କୁମତି ନିବାର ସୁମତିକେ ସଙ୍ଗୀ' କାର୍ଯ୍ୟକ୍ରମ ହନୁମାନ ଚାଳିଶା ପାଠ କରାଯାଇଛି । ଉକ୍ତ ଚାଳିଶା ପାଠ କରିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଗତ କିଛିଦିନ ତଳେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳକୁ ବ୍ୟାନ କରାଯିବ ବୋଲି ଘୋଷଣା ପତ୍ରରେ ଉଲ୍ଲେଖ କରିଥିଲେ । ଏଥିସହ ବଜରଙ୍ଗ ଦଳକୁ ପିଏଫଆଇ ଆତଙ୍କବାଦୀ ସଙ୍ଗଠନ ସହିତ ତୁଳନା କରିବା ଭଳି ବିବାଦୀୟ ମନ୍ତବ୍ୟ ଦେଇଥିଲେ । ଏହାକୁ ବିରୋଧ କରି ବଜରଙ୍ଗ ଦଳ ତରଫରୁ ସମଗ୍ର ଦେଶରେ ଚାଳିଶା ପାଠ କରାଯିବା ସହିତ କନ୍ଧମାଳ ଜିଲା ଟିକାବାଲି ପ୍ରଖଣ୍ଡରେ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବଜରଙ୍ଗ ଦଳର ଜିଲା ସଂଯୋଜକ ରାକେଶ ମିଶ୍ର, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସରୋଜ ସାହୁ, ଟିକାବାଲି ଭାଜପା ମଣ୍ଡଳ ସଭାପତି ଜିତେନ୍ଦ୍ର ଡାକୁଆ, ଟିକାବାଲି ପ୍ରଖଣ୍ଡ ସଂଯୋଜକ ରନ ପାତ୍ର, ସହ ସଂଯୋଜକ ବିଶ୍ୱରଞ୍ଜନ ପଟ୍ଟନାୟକ, ବାପୁନ୍ ପଣ୍ଡିତ, ଉତ୍କଳ ପ୍ରଧାନ, ଲୁଲୁ ବେହେରା, ବାବୁଲି ପଣ୍ଡା, ବାପି ମିଶ୍ରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।


ଗଜପତି ଜିଲା ରାୟଗଡ଼ ବ୍ଲକ ସଦର ମହକୁମା ଶିବ ମନ୍ଦିର ସମ୍ମୁଖରେ ଜଳଛତ୍ର ଖୋଲାଯାଇଛି । ମାଟିହାଣ୍ଡି, ମଗ ଅଛି କିନ୍ତୁ ପାଣି ନଥିବାରୁ ହାଣ୍ଡି ଓଲଟାଇ ରଖାଯାଇଛି।

# ଗହୀର କୂଅର ଜଳ ମେଣ୍ଟାଉଛି ଶୋଷ




ମହିଳାମାନେ ଗହୀର ମଝିରେ ଥିବା କୂଅରୁ ପାନୀୟ ଜଳ ସଂଗ୍ରହ କରି ଫେରୁଛନ୍ତି ।

- ଅଧ କି.ମି. ଗଲେ ମିଳେ ପାନୀୟ ଜଳ
- ୨ ନଳକୂପରୁ ବାହାରୁ ନାହିଁ ପାଣି

**ନୟାଗଡ଼ ଅଫିସ, ୯।୫:** ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କୋମଣ୍ଡ ପଞ୍ଚାୟତ ନୋତରପଲ୍ଲୀ ଉପର ଆଦିବାସୀସାହିରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ପାନୀୟ ଜଳ ପାଇଁ ଗାଁର ମହିଳା ପୁରୁଷ ଅଧା କି.ମି. ବାଟ ଚାଲି ଯିବା ପରେ ଗହୀର ମଝି କୂଅରୁ ପାନୀୟ ଜଳ ସଂଗ୍ରହ କରି ଶୋଷ ମେଣ୍ଟାଉଛନ୍ତି । ଗାଁରେ ଥିବା ୨ ନଳକୂପରୁ ପାଣି ବାହାରୁନି । ଗାଁର କୂଅ, ପୋଖରୀ ପରି ନଳକୂପ ଶୁଖିଲା ପଡିଛି । ନୋଉରପଲ୍ଲୀ ଉପର ଆଦିବାସୀ ସାହିର ଶୀତଳ ଜାନୀଙ୍କ ସୂଚନା ଅନୁଯାୟୀ, ଗାଁରେ ରହିଛି ଦୁଇଟି ନଳକୂପ । ଦୁଇ ନଳକୂପରୁ ପାଣି ବାହାରୁ ନାହିଁ । କୁଅ ଶୁଖିଲା ପଡିଥିବାରୁ ଗାଁର ମହିଳା ପୁରୁଷ ଅଧା କି.ମି. ଦୂର ବିଲ ଭିତରକୁ ଯାଇ କୂଅରୁ ପାଣି ସଂଗ୍ରହ କରୁଛନ୍ତି । ପାଣି ପାଇଁ ସକାଳେ ସନ୍ଧ୍ୟାରେ କୂଅ ନିକଟରେ ଭିଡ଼ ଜମୁଛି । ବର୍ଷା ହେଲେ ପାନୀୟ ଜଳ ସଂଗ୍ରହ କଷ୍ଟ ହେଉଛି । ବର୍ଷା ଛାଡିବା ପରେ ପାଣି ସଂଗ୍ରହ କରିବାକୁ ପଡୁଛି । ବେଳେବେଳେ ପୁଣି ଅଧ କିମି ଦୂର ନୋତରପଲ୍ଲୀ ତଳସାହିକୁ ଯାଇ ପାଣି ସଂଗ୍ରହ କରିବାକୁ ପଡେ । ସେଠାରେ ସୋଲାର ୟୁନିଟ୍ ସାହାଯ୍ୟରେ ପାନୀୟ ଜଳ ସଂଗ୍ରହ କରାଯାଉଛି । ମୋ ଗାଁର ପାଣି ସମସ୍ୟା ଦୀର୍ଘ ଦିନର ହୋଇ ଥିଲେ ହେଁ ଏହାର ସମାଧାନ କରାଯାଉନାହିଁ । ଅବକାଶ ଜାନୀ କୁହନ୍ତି, ଗାଁରେ ୧୧ ପରିବାରର ୫୦ ଲୋକ ବାସ କରନ୍ତି । ସବୁ ଲୋକ ଆଦିବାସୀ । ସରକାର ଆଦିବାସୀ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଉଥିବା କହୁଥିଲେ ହେଁ ପାନୀୟ ଜଳ ସମସ୍ୟା ସମାଧାନ କରାଯାଇ ପାରୁନି । ଗାଁରେ ସୋଲାର ୟୁନିଟ୍ ସାହାର୍ଯ୍ୟରେ ପାଣି ଯୋଗାଣ ବ୍ୟବସ୍ଥା କରାଯାଉନାହିଁ। ଏପଟେ ଗୁଳୁଗୁଳି ସେପଟେ ପାଣି ଅଭାବ ଆଦିବାସୀଙ୍କ ଚିନ୍ତା ବଢ଼ାଇଛି। ଗାଁର ପାଣି ସମସ୍ୟା ନେଇ ଗାଁ ଲୋକ ମିଳିତ ହୋଇ ଆଲୋଚନା କରିଛନ୍ତି । ଖୁବ୍‌ଶୀଘ୍ର ଏହା ଆନ୍ଦୋଳନ ରୂପ ନେବାକୁ ଯାଉଛି ବୋଲି ସେ କହିଛନ୍ତି ।

## ନଳକୂପ ଅଚଳ, ଟ୍ୟାପ୍‌ରୁ ବାହାରୁନି ପାଣି



ଯାଦବ ସାହିରେ ଥିବା ଏକ ଅଚଳ ନଳକୂପ ପାଖରେ ପାଣି ପାଇଁ ଭିଡ ।

**ଓଡ଼ଗାଁ, ୯।୫(ସ୍ୱ.ପ୍ର.):** ଓଡ଼ଗାଁ ବ୍ଲକ ରୋହିବାଙ୍କ ପଞ୍ଚାୟତ ଭଗବତୀପ୍ରସାଦ ଯାଦବସାହିରେ ନଳକୂପ ଅଚଳ ହୋଇଥିବାବେଳେ ପାନୀୟ ଜଳ ପ୍ରକଳ୍ପରୁ ପାନୀୟ ଜଳ ଯୋଗାଇବା ପାଇଁ ଘରକୁ ସଂଯୋଗ ହୋଇଥିବା ଟ୍ୟାପ୍‌ରେ ପାଣି ଆସୁନି । ଏଣୁ ଭଗବତୀପ୍ରସାଦ ଯାଦବସାହିରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ଭଗବତୀପ୍ରସାଦ ଯାଦବସାହିର ସରୋଜିନୀ ପାତ୍ର କୁହନ୍ତି, ଆମ ଗାଁରେ ୧୦୦ ପରିବାରର ୫୦୦ ଲୋକ ବାସ କରନ୍ତି । ଗାଁରେ ୪ଟି ନଳକୂପରୁ ୨ଟି ଖରାପ ଅଛି । ଭଲ ୨ ନଳକୂପ ଆବଶ୍ୟକ ଅନୁଯାୟୀ ପାଣି ଯୋଗାଇ ପାରୁନାହିଁ । ଭଗବତୀପ୍ରସାଦରେ ଏକ ପାନୀୟ ଜଳ ପ୍ରକଳ୍ପ ୨୦୨୨ରେ ପ୍ରତିଷ୍ଠା ହୋଇଥିଲା। ଦିନକ ପାଇଁ ଆମ ଯାଦବ ସାହିକୁ ପାଣି ଆସିଥିଲା । ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ ହେବା ଦିନ କେବଳ ପାନୀୟ ଜଳ ପାଇଥିଲୁ। ଏହା ପରଠାରୁ ଆଉ ପାଣି ଆସୁନାହିଁ । ଗାଁରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଥିଲେ ମଧ୍ୟ ଏହାର ସମାଧାନ କରାଯାଉନାହିଁ । ରଘୁମଣି ପାତ୍ର କୁହନ୍ତି, ଗାଁରେ ନଳକୂପ ଖରାପ ହେଲା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କଲେ ମରାମତି ହେଉନାହିଁ । ଗାଁରେ ପାନୀୟ ଜଳ ପ୍ରକଳ୍ପ ହେଲା, କାହିଁକି ଯାଦବ ସାହି ଲୋକ ପାନୀୟ ଜଳ ପାଇବେ ନାହିଁ ତା'ର କାରଣ ସ୍ପଷ୍ଟ ହୋଇନାହିଁ । ଯଦି ପାଣି ଯୋଗାଣ ହେବାର ନ ଥିଲା ସରକାରଙ୍କ ଟଙ୍କା ଅପବ୍ୟବହାର କରି ଯାଦବ ସାହିକୁ ପାଇପ୍ ପକାଗଲା କାହିଁକି । ସରକାର ଓ ପ୍ରଶାସନ ଆମ ଗାଁର ପାଣି ସମସ୍ୟା ସମାଧାନ କରିବାକୁ ଅନୁରୋଧ କରୁଛୁ । ସ୍ୱେଚ୍ଛାସେବୀ ପ୍ରଭାସିନୀ ନନ୍ଦ କୁହନ୍ତି, ମୁଁ ମଙ୍ଗଳବାର ନୋତରପଲ୍ଲୀ ଉପର ଆଦିବାସୀସାହି ଓ ଭଗବତୀପ୍ରସାଦ ଯାଦବସାହିକୁ ଯାଇଥିଲି । ଉଭୟ ଗାଁର ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଥିଲେ ମଧ ଏହାର ସମାଧାନ କରାଯାଉନାହିଁ। ଏଥିପାଇଁ ଗାଁ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏହାର ସମାଧାନ ନ ହେଲେ ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ସତ୍ୟବ୍ରତ ମଜଦୁର କଂଗ୍ରେସର ଜାତୀୟ ସଙ୍ଗଠନ ସମ୍ପାଦକ



ସତ୍ୟବ୍ରତ ନାୟକ

**ରଣପୁର,୯।୫(ସ୍ୱ.ପ୍ର.):** ନୟାଗଡ଼ ଜିଲା ରଣପୁର ବ୍ଲକ ଅଧୀନ ବିନୋଦପଡ଼ା ଗ୍ରାମର ଯୁବନେତା ସତ୍ୟବ୍ରତ ନାୟକ ଦିଲ୍ଲୀରେ ଅନୁଷ୍ଠିତ କଂଗ୍ରେସର ଜାତୀୟ ଅଧିବେଶନରେ ସଙ୍ଗଠନ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ନୟାଗଡ଼ ଜିଲା ଓ ରଣପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି । ବିଭିନ୍ନ ମହଲରେ ତାଙ୍କୁ ସ୍ୱାଗତ କରାଯାଇଛି। ସତ୍ୟବ୍ରତ ନୟାଗଡ଼ ଜିଲା ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜିଲା ସଭାପତି, ରାଜ୍ୟ କମିଟିର ଯୁଗ୍ମ ସାଧାରଣ ସମ୍ପାଦକ, ଆଇଏନ୍‌ଟିୟୁସିର ରାଜ୍ୟ ସଭାପତି, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ, ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମର ରାଜ୍ୟ ସଭାପତି ଭାବେ କାମ କରି ଦଳକୁ ସୁଦୃଢ କରିଥିଲେ ।

## ସୀତାଙ୍କୁ ଠାବ କରି ଲଙ୍କା ଦହନ କଲେ ହନୁମାନ

### କଣ୍ଟିଲୋ ରାମଲୀଳାର ୪ର୍ଥ ରଜନୀ



ସୋମବାର ରାତିରେ ମଞ୍ଚସ୍ଥ ରାମଲୀଳାର ଏକ ଦୃଶ୍ୟ ।

**ଖଣ୍ଡପଡ଼ା,୯।୫(ସ୍ୱ.ପ୍ର.)** କଣ୍ଟିଲୋ କୃଷ୍ଣେଶ୍ୱର ପାଟଣା ଗ୍ରାମର ଶ୍ରୀରଘୁନାଥ ଜୀଉ ରାମଲୀଳା ନାଟ୍ୟ ସମିତି ପକ୍ଷରୁ ଚାଲିଥିବା ରାମଲୀଳା ଉତ୍ସବର ସୋମବାର ୪ର୍ଥ ରଜନୀରେ ବାଳୀ ସୁଗ୍ରୀବ ଲଢେଇ ଏବଂ ସୀତାଙ୍କୁ ଠାବ କରିବା ପରେ ହନୁମାନଙ୍କ ଲଙ୍କା ଦହନ ନାଟକ ମଞ୍ଚସ୍ଥ ହୋଇଥିଲା । ସୀତା ଠାକୁରାଣୀଙ୍କୁ ଉଦ୍ଧାର କରିବା ଲକ୍ଷ୍ୟରେ ଶ୍ରୀରାମ, ଲକ୍ଷ୍ମଣ, ହନୁମାନ ବାନର ସେନା ସହ ପ୍ରସ୍ତୁତ ହେଉଥିଲେ। ଏହି ସମୟରେ କିସକିନ୍ଧାରେ ସୁଗ୍ରୀବଙ୍କ ସହିତ ଶ୍ରୀରାମଙ୍କ ସାକ୍ଷାତ ହୋଇଥିଲା। ସୁଗ୍ରୀବ ରାମଚନ୍ଦ୍ରଙ୍କ ସହ ମିତ୍ର ବସିବା ସହ ଭାଇ ବାଳୀଙ୍କ ଦୌରାତ୍ମ୍ୟ ସମ୍ପର୍କରେ ଅବଗତ କରି ତାଙ୍କର ସହାୟତା କାମନା କରିଥିଲେ । ଯେହେତୁ ବାଳୀଙ୍କ ସହ ଯିଏ ଯୁଦ୍ଧ କରନ୍ତି ତାଙ୍କଠାରୁ ଅଧେ ବଳ ବାଳୀ ହରଣ କରି ନେଇଥାନ୍ତି । ତେଣୁ ବାଳୀକୁ ବଧ କରିବା ସମ୍ଭବ ହେଉ ନ ଥିବାରୁ ସୁଗ୍ରୀବ ରାମଚନ୍ଦ୍ରଙ୍କ ସହାୟତା କାମନା କରିଥିଲେ । ଫଳ ସ୍ୱରୁପ ଦୁଇ ଭାଇ ବାଳୀ ଓ ସୁଗ୍ରୀବ ଯୁଦ୍ଧ କରୁଥିବା ସମୟରେ ରାମଚନ୍ଦ୍ର ବୃକ୍ଷ ଉହାଡ଼ରେ ଲୁଚି ରହି ବାଳୀକୁ ବଧ କରିଥିଲେ । ସୀତାଙ୍କୁ ଖୋଜିବା ପାଇଁ ରାମଚନ୍ଦ୍ରଙ୍କ ପରାମର୍ଶ କ୍ରମେ ହନୁମାନ ଲଙ୍କାପୁରକୁ ଗମନ କରିଥିଲେ । ସେଠାରେ ଥିବା ଅଶୋକ ବନରେ ସୀତାଙ୍କୁ ଠାବ କରିଥିଲେ । ପରେ ସ୍ୱର୍ଣ୍ଣ ଲଙ୍କାକୁ ଦହନ କରିବା ପ୍ରସଙ୍ଗକୁ ଦର୍ଶକମାନେ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ମଞ୍ଚସ୍ଥ ନାଟକରେ ଉପଭୋଗ କରିଥିଲେ । ଏହି ନାଟକରେ ରାମ,ଲକ୍ଷ୍ମଣ ଓ ସୀତା ଭୂମିକାରେ ଯଥାକ୍ରମେ ସନ୍ଦିପ, ରାଜା ଓ ଚନ୍ଦନ ଅଭିନୟ କରିଥିବା ବେଳେ ବାଳୀ, ସୁଗ୍ରୀବ, ହନୁମାନ ଓ ତାରା ଭୂମିକାରେ ଜିତୁ ରଞ୍ଜନ ବେହେରା, ଶ୍ରୀଧର ସାହୁ, ନିରଞ୍ଜନ ବିଶ୍ୱାଳ ଓ ସୁମନ୍ତ ବେହେରା ଅଭିନୟ କରିଥିଲେ ।

## ରାଶନ କାର୍ଡ ପାଇଁ ବ୍ଲକକୁ ଦୌଡ଼ି ନୟାନ୍ତ ହେଲେଣି ଟିକିଲତା

**ନୂଆଗାଁ,୯।୫ (ଡି.ଏନ.ଏ.)** ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତ ମାଳିସାହି ଗ୍ରାମର ବିଧବା ମହିଳା ଟିକିଲତା ରାଶନ କାର୍ଡ ପାଇଁ ବ୍ଲକକୁ ଦୌଡ଼ି ନୟାନ୍ତ ହେଲେଣି । ମଙ୍ଗଳବାର ପୁନର୍ବାର ନୂଆଗାଁ ବ୍ଲକକୁ ଆସି ଏ ବିଷୟ ଲିଖିତ ଭାବେ ବିଡ଼ିଓଙ୍କୁ ଜଣାଇଛନ୍ତି । ଦାରିଦ୍ର୍ୟର ସୀମାରେଖା ତଳେ ରହିଥିବା ଗରିବ ଲୋକମାନଙ୍କୁ ଖାଦ୍ୟ ସୁରକ୍ଷା ଆଇନରେ ରାଶନ ସାମଗ୍ରୀ ଯୋଗାଇ ଦେବା ପାଇଁ ସରକାର ରାଶନ କାର୍ଡର ବ୍ୟବସ୍ଥା କରିଛନ୍ତି । କିନ୍ତୁ ଅନେକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଖାଦ୍ୟ ସୁରକ୍ଷା ଆଇନରେ ପ୍ରକୃତ ହିତାଧିକାରୀ ରାଶନ କାର୍ଡ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି । ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତ ମାଳିସାହି ଗ୍ରାମର ଟିକିଲତା ମହାପାତ୍ରଙ୍କ ଅଭିଯୋଗ ମୁତାବକ ତାଙ୍କ ସ୍ୱାମୀ ମାନସ ରଞ୍ଜନ ମହାପାତ୍ର ଜଣେ ଗାଡ଼ି ଚାଳକ ଥିଲେ । ସେଥିରୁ ସେ ଯାହା ରୋଜଗାର କରନ୍ତି ସେଥିରେ ତାଙ୍କ ପରିବାର ଚଳୁଥିଲା । ଆଜିକୁ ୬ ବର୍ଷ ତଳେ ଏକ ଦୁର୍ଘଟଣାରେ ତାଙ୍କର ପରଲୋକ ଘଟିଥିଲା । ସେଦିନଠାରୁ ୩ ବର୍ଷର ପୁଅକୁ ଧରି ସେ ଦୁଃଖକଷ୍ଟରେ ଦିନ କାଟୁଛନ୍ତି । ଏବେ ପୁଅର ବୟସ ୯ ବର୍ଷ । ଏପରି ପରିସ୍ଥିତିରେ ଟିକିଲତାଙ୍କୁ ମିଳୁଥିବା ୫ଶହ ଟଙ୍କା ବିଧବା ଭତ୍ତାରେ ପରିବାର ଚଳାଇବା କେତେ ଯେ କଷ୍ଟ ତାହା ସମସ୍ତେ ଜାଣନ୍ତି । ତେବେ ସରକାରଙ୍କ ଖାଦ୍ୟ ସୁରକ୍ଷା ଆଇନ ବଳରେ ରାଶନ କାର୍ଡଟିଏ କରିବା ପାଇଁ ଗାଡ଼ି ଖର୍ଚ୍ଚ କରି ସେ ଅନେକ ଥର ବ୍ଲକ କାର୍ଯ୍ୟାଳୟକୁ ଆସିଛନ୍ତି । ବିଭାଗୀୟ ଅଧିକାରୀ, ବିଡ଼ିଓ , ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ବାରମ୍ବାର ଗୁହାରୀ କରିଥିଲେ ମଧ୍ୟ ତାଙ୍କ ଦୁଃଖ କେହି ଶୁଣୁ ନ ଥିବା ସେ କାନ୍ଦି କନ୍ଦି ବିଡିଓଙ୍କୁ କହିଛନ୍ତି । ଟିକିଲତାଙ୍କଠାରୁ ସମସ୍ତ କଥା ଶୁଣିବା ପରେ ବିଡିଓ ସଚ୍ଚିଦାନନ୍ଦ ମିଶ୍ର ବ୍ଲକ ଯୋଗାଣ ନୀରିକ୍ଷକ ବି.ଶ୍ରୀହର୍ଷଙ୍କୁ ଡାକି ଅଗ୍ରାଧିକାର ଭିତ୍ତିରେ ଟିକିଲତାଙ୍କୁ ରାଶନ କାର୍ଡ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।



ବିଡିଓଙ୍କୁ ସାକ୍ଷାତ କରିବାକୁ ପୁଅ ସହିତ ଆସିଥିବା ଟିକିଲତା ।

## ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲୋକନାଥ



@ ପ୍ରେମାଂଶୁ



@ ପିଣ୍ଟୁ



@ ରୁଦ୍ରନାରାୟଣ



@ ସୁରଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜ୍ୟୋତିରଞ୍ଜନ ପ୍ରାଥମିକ ଶିକ୍ଷକ ଫେଡେରେଶନର ରାଜ୍ୟ ସଂଯୋଜକ



ଜ୍ୟୋତିରଞ୍ଜନ ଦାସ

**ରଣପୁର,୯।୫(ସ୍ୱ.ପ୍ର.):** ନୟାଗଡ଼ ଜିଲା ରଣପୁର ବ୍ଲକ ଶିକ୍ଷା ବିଭାଗ ଅଧୀନରେ କାମ କରୁଥିବା ବରିଷ୍ଠ ଶିକ୍ଷକ ଜ୍ୟୋତିରଞ୍ଜନ ଦାସ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ରାଜ୍ୟ ସଂଯୋଜକ ଭାବେ ନିର୍ବାଚିତ ହୋଇଛନ୍ତି । ରବିବାର ଭୁବନେଶ୍ୱର କସ୍ତୁରୀବା ଗାନ୍ଧୀ ନାରୀ ମହଲ ସଭାଗୃହରେ ସଙ୍ଗଠନର ସଭାପତି ହୃଦାନନ୍ଦ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ଯୋଗ ଦେଇଥିଲେ । ଜ୍ୟୋତିରଞ୍ଜନ ରଣପୁର ଶିକ୍ଷା ବ୍ଲକର ରାମଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରନ୍ତି । ଏହା ପୂର୍ବରୁ ସେ ରଣପୁର ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଥିଲେ । ଗତ ୧୦ ବର୍ଷ ହେବ ସେ ନୟାଗଡ଼ ଜିଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦାୟିତ୍ୱ ତୁଲାଇ ଆସୁଛନ୍ତି ।

# ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲ ଅଲୋଡ଼ା

- ବ୍ରିଟିଶ ନିର୍ମିତ ନୌବାଣିଜ୍ୟର ମୂକସାକ୍ଷୀ
- କେନାଲର ମଝି ଏବେ ବେଣାବୁଦା
- ପୁନରୁଦ୍ଧାର ପାଇଁ ଦାବି

କେନ୍ଦ୍ରାପଡ଼ା ଅଫିସ୍/ମହାକାଳପଡ଼ା,୯।୫(ଡି.ଏନ.ଏ.)


ବ୍ରିଟିଶ ଶାସକଙ୍କ କୀର୍ତ୍ତି ନୌବାଣିଜ୍ୟ ଜଳପଥ ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲ ଏବେ ଅଲୋଡ଼ା ପଡିଛି।

ଦିନ ଥିଲା କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ଜମ୍ବୁ-ମାର୍ଶାଘାଇ କେନାଲ ଲୋକଙ୍କ ଜୀବନ ରେଖା ପାଲଟିଥିଲା। ନଅଙ୍କ ଦୁର୍ଭିକ୍ଷ ସମୟରେ ବ୍ରିଟିଶ ଶାସକ ଏହି ବାଟ ଦେଇ ବିଦେଶରୁ ଖାଦ୍ୟ ଦ୍ରବ୍ୟ ନେଇ କଟକ ଯୋବ୍ରାରେ ପହଞ୍ଚାଇ ଗୋଦାମ ଘରେ ଗଚ୍ଛିତ ରଖୁଥିଲେ। ପରେ ଓଡ଼ିଶାର କୋଣ ଅନୁକୋଣରେ ପହଞ୍ଚାଉ ଥିଲେ। କିନ୍ତୁ ଏହି କେନାଲ ଅର୍ଥନୈତିକ, ବାଣିଜ୍ୟ କ୍ଷେତ୍ରରେ ରୋଜଗାର ଯୋଗାଉଥିଲା ବୋଲି ବରିଷ୍ଠ ବ୍ୟବସାୟୀମାନେ କହିଛନ୍ତି।

ଏ ସମ୍ପର୍କରେ କୃଷକ ନେତା ଅଙ୍କୁର ପଲାଇ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାର ସର୍ବ ପୁରାତନ ବ୍ରିଟିଶ ନିର୍ମିତ କଟକର ମହାନଦୀରୁ ଜମ୍ବୁ-ମାର୍ଶାଘାଇ କେନାଲ ଉତ୍ପତ୍ତି ହୋଇ ଶେଷରେ ବଙ୍ଗୋପସାଗର ସଂଲଗ୍ନ ଜମ୍ବୁ ନିକଟ ଗୋବରୀ ନଦୀରେ ମିଶ୍ରଣ ହୋଇଛି। ଏହି କେନାଲ ନିର୍ମାଣ ସମୟରେ କେତେଜଣ ଶ୍ରମିକମାନଙ୍କ ଜୀବନ ଯାଇଥିଲା। ବିଦେଶରୁ ସମୁଦ୍ର ପଥ ଦେଇ କେନାଲ ବାଟରେ ବ୍ରିଟିଶ ଶାସକ ମାନେ କଟକକୁ ନୌବାଣିଜ୍ୟ କାରବାର କରୁଥିଲେ। ଏହି ଅଞ୍ଚଳ ର ଗ୍ରାମାଞ୍ଚଳ ବ୍ୟବସାୟୀମାନେ କଟକ ମାଲଗୋଦାମରୁ ସଉଦା ପତ୍ର , ଚୌଦ୍ୱାରରୁ ବାଉଁଶ, ମଣ୍ଡାପଡ଼ାରୁ ବଉଳା ଓ ମାଙ୍କଡ଼ା ପଥର, ମହାନଦୀର ବାଲି ସମେତ ବିଭିନ୍ନ ଗୃହ ନିର୍ମାଣ ସାମଗ୍ରୀକୁ ବଡ଼ ଡଙ୍ଗା ସାହାଯ୍ୟରେ କେନାଲରେ ସୁବିଧାରେ ଆଣୁଥିଲେ। ସେ ଦିନର ଏହି କେନାଲ ଏବେ ତା'ର ସତ୍ତା ହରାଇଛି। ପୂର୍ବ ଭଳି ଆଉ ଯତ୍ନ ନାହିଁ। ଏହି କେନାଲ ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ଅଧୀନରେ ରହିଛି। କେନାଲର ଗଣ୍ଡ ସୃଷ୍ଟି ହୋଇଥିବା ମଧ୍ୟ ସ୍ଥଳରେ ବୁଦି ବୁଦିକିଆ ବେଣବୁଦା, କଟକି ଦଳ, ଭିର୍ତ୍ତି ହୋଇ ରହିଛି। ବେଣାବୁଦା ମୂଳ ଏବେ ବିଲୁଆ ବସା ବାନ୍ଧି ରହିଥିବା ଦେଖିବାକୁ ମିଳୁଛି। ସୁଦୀର୍ଘ କେନାଲର ବହୁବର୍ଷ ପୂର୍ବରୁ ମହାନଦୀରେ ଭୀଷଣ ବନ୍ୟା ସ୍ରୋତରେ କେନାଲ ବନ୍ଧ ଭାଙ୍ଗି ମହାକାଳପଡ଼ା, କିୟାରବାଙ୍କ, ପରେଶ୍ୱରପୁର, ଟାଙ୍କିବେଲାରି ଓ ଅରୁଣନଗରଠାରେ ବଡ଼ ବଡ଼ ଓସାରିଆ ଗଣ୍ଡ ସୃଷ୍ଟି ହୋଇଥିଲା। ଅଦ୍ୟାବଧି ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ପୁନରୁଦ୍ଧାର କରିବା ପାଇଁ ସେମିତି କିଛି ମେଗା ପ୍ରୋଜେକ୍ଟ ନ ଥିବା କୁହାଯାଇଛି। ହେଲେ ବର୍ଷକୁ ଥରେ ଦୁଇ ଥର ଚାଷୀ ମାନଙ୍କ ପାଇଁ ଜମିକୁ ଜଳ ଯୋଗାଣ କରାଯାଉଛି। ତାହା ପୁଣି କିଛି ଜଳ ଚାଷ ଜମିକୁ ଯାଉଥିବାବେଳେ ବଳକା ଗୋବରୀ ନଦୀରେ ମିଶୁଛି। ପୂର୍ବତନ ସରପଞ୍ଚ ନାଥ କୁମାର ଭୋଳ କହିଛନ୍ତି, ମାର୍ଶାଘାଇଠାରୁ ଜମ୍ବୁ ପର୍ଯ୍ୟନ୍ତ ୨୪ କିମି ଦୂର କେନାଲ ସାରା କଟକୀ ଦଳ ଭରି ରହିଛି। କେନାଲ ଉଭୟ ପାର୍ଶ୍ୱ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲି ଗଲାଣି। ଜଳ ଯୋଗାଣ ସ୍ରୋତ ହ୍ରାସ ପାଇବା ସହ ଚାଷ ଜମିର ହିଡ଼ ଶେଷ ମୁଣ୍ଡରେ ପାଣି ପହଞ୍ଚି ପାରୁନି। କେବଳ ଚାଷୀମାନଙ୍କଠାରୁ ଜଳକର(ରାଜସ୍ୱ ) ଆଦାୟ କରି ବିଭାଗ ଚୁପ୍ ହୋଇ ବସିଛି। ରାଜ୍ୟ ସରକାର ଏହି ଅଞ୍ଚଳରେ ଦେଶର ବୃହତ ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ ଅଣ୍ଟା ଭିଡ଼ିଥିବା ବେଳେ ଏହି କେନାଲ ପ୍ରତି ଯତ୍ନବାନ ହେବା ଆବଶ୍ୟକ। ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ ବିରଞ୍ଚି ନାରାୟଣ ଦାସ କହିଛନ୍ତି, ଏହି କେନାଲ ବହୁ ପ୍ରାଚୀନ। ଏହି କେନାଲ ଦିନେ ଆମ ଅଞ୍ଚଳର ଜନସାଧାରଣଙ୍କୁ ରୋଜଗାର ଯୋଗାଉଥିଲା। ଆଜି କେନାଲ ସମସ୍ୟା ବୁଝିବା ପାଇଁ କାହାର ସମୟ ନାହିଁ। ଏହି କେନାଲ ପୁନରୁଦ୍ଧାର ନ ହେଲେ ଆଗାମୀଦିନରେ ଚାଷୀମାନଙ୍କ ଆନ୍ଦୋଳନକୁ ଏଡ଼ାଇ ଦିଆଯାଇନ ପାରେ। ବରିଷ୍ଠ ଚାଷୀ ବାବାଜୀ ବେହେରା କହିଛନ୍ତି, ଏହି କେନାଲ ପୁନରୁଦ୍ଧାର ପାଇଁ ମେଗା ପ୍ରୋଜେକ୍ଟ ଆବଶ୍ୟକତା ରହିଛି। ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେବା ଦରକାର।

ବୁଦ୍ଧିଜୀବୀ ସୁବାସ ସ୍ୱାଇଁ କହିଛନ୍ତି, ଯେଉଁ କେନାଲ ଦିନେ ଓଡ଼ିଆମାନଙ୍କର ନୌବାଣିଜ୍ୟର କୀର୍ତ୍ତି ବହନ କରୁଥିଲା ତାହା ଆଜି ଗୁଳ୍ମ ଜାତୀୟ ଜଙ୍ଗଲରେ ଭ୍ରମ ସୃଷ୍ଟି କରିଛି। ଯେଉଁଠି ବଡ ବଡ ଡଙ୍ଗାରେ ପଣ୍ୟଦ୍ରବ୍ୟ କାରବାର ହେଉଥିଲା ସେଠାରେ ଏବେ ଛୋଟ ଡିଙ୍ଗିଟିଏ ପହଞ୍ଚିବା କଷ୍ଟ କର ହେଉଛି। ଏହାର ପୁନରୁଦ୍ଧାର କରାଗଲେ ଶତାଧିକ ହେକ୍ଟର ଚାଷ ଜମିକୁ ଜଳସେଚନର ସୁବିଧା ହୋଇପାରିବ। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ୨ ଥର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ରିପୋର୍ଟ ପ୍ରଦାନ କରାଯାଇଛି ବୋଲି କହିଛନ୍ତି।

# ଯବାନ ତୁଷାରକାନ୍ତଙ୍କ ଶେଷକୃତ୍ୟ ସମ୍ପନ୍ନ


ଯବାନଙ୍କ ମରଶରୀର ନିକଟରେ ତୋପ ସଲାମୀ ଦିଆଯାଉଛି।

- ଦିଆଗଲା ତୋପସଲାମି
- ତୁଷାରକାନ୍ତ ଅମର ରହେ ଶବ୍ଦରେ ଫାଟି ପଡ଼ିଲା ଗାଁ

ଚଣ୍ଡିଖୋଲ,୯।୫(ଡି.ଏନ.ଏ):



୧ ବର୍ଷ ତଳେ ବିବାହ କରିଥିଲେ। ଆସନ୍ତା ସାବିତ୍ରୀ ବ୍ରତରେ ଘରକୁ ଆସିବେ ବୋଲି ସ୍ତ୍ରୀଙ୍କୁ ଫୋନ ଯୋଗେ ଜଣାଇଥିଲେ। ହେଲେ ଛୁଟି ନେଇ ଆସିବା ପୂର୍ବରୁ ଗାଁ ମାଟିରେ ପହଞ୍ଚିଲା ବୀର ଯବାନ ତୁଷାରକାନ୍ତ ଦାସଙ୍କ ମରଶରୀର। ମଙ୍ଗଳବାର ଗୋଟିଏ ପାର୍ଶ୍ୱରେ ତୁଷାରକାନ୍ତ ଅମର ରହେ ଶବ୍ଦରେ ଫାଟି ପଡୁଥିବାବେଳେ ଅନ୍ୟ ପଟେ ପରିବାର ଲୋକଙ୍କ କାନ୍ଦ ବୋବାଳିରେ ବଡ଼ ବାଲିକୁଦା ଗ୍ରାମ ଉଚ୍ଛୁଳି ପଡୁଥିଲା। ତୋପସଲାମୀ ସହ ହଜାର ହଜାର ଲୋକଙ୍କ ଗହଣରେ ଜୟଜୟ ଧ୍ୱନିରେ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବଡ଼ବାଲିକୁଦା ଗ୍ରାମର କଳ୍ପତରୁ ଦାସଙ୍କ ପୁଅ ତୁଷାରକାନ୍ତ ଦାସ(୨୮) ୪ ବର୍ଷ ତଳେ ସିଆର୍‌ପିଏଫ୍‌ରେ ଯୋଗ ଦେଇଥିଲେ। କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକ ଅନ୍ତର୍ଗତ ବେଲଘର ଥାନା ମାଓପ୍ରବଣ ଅଞ୍ଚଳ ଭଣ୍ଡରଙ୍ଗି କ୍ୟାମ୍ପରେ ମାଓବାଦୀ ଦମନ ପାଇଁ ସେ ନିୟୋଜିତ ଥିଲେ। ତେବେ କୌଣସି କାରଣବଶତଃ ସୋମବାର ଅସାବଧାନତା କାରଣରୁ ଜେନେରେଟର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ସଙ୍ଗେସଙ୍ଗେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାପରେ ସେଠାକାର କମାଣ୍ଡର ଆନନ୍ଦ ଝାଙ୍କରଙ୍କ ନେତୃତ୍ୱରେ ତୁଷାରକାନ୍ତଙ୍କ ଶବାଧାର ବଡ଼ଚଣା ଅଞ୍ଚଳରେ ପ୍ରବେଶ କରିବା ପରେ ଚଣ୍ଡିଖୋଲ, ବାଲିଚନ୍ଦ୍ରପୁର, ବାଲିକୁଦା ସମେତ ବଡ଼ ବାଲିକୁଦା ପର୍ଯ୍ୟନ୍ତ ହଜାର ହଜାର ଲୋକ ରାସ୍ତା ପାର୍ଶ୍ୱରେ ରହି ଶେଷ ଦର୍ଶନ କରିବା ସହ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବଡ଼ଚଣା କଂଗେସ ନେତା ଅଜୟ କୁମାର ସାମଲ, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର କୁମାର ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା ଓ ଭାଜପା ନେତା ଅମର ନାୟକ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ ଓ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ରମାକାନ୍ତ ମୁଦୁଲି ଅନ୍ତିମ ସଂସ୍କାରରେ ସାମିଲ ହୋଇଥିଲେ।

# ସାହିତ୍ୟିକଙ୍କୁ ସାରସ୍ୱତ ସମ୍ମାନ

ରସୁଲପୁର,୯।୫(ଡି.ଏନ.ଏ.): ଯାଜପୁର ଜିଲା ଧର୍ମଶାଳା ବ୍ଲକ ନୀଳକଣ୍ଠପୁର ଗ୍ରାମର ବିଶିଷ୍ଟ ସାହିତ୍ୟିକ ତଥା ସରୋଜିନୀ ସ୍ମୃତି ସଂସଦର ପ୍ରତିଷ୍ଠାତା ସମ୍ପାଦକ ଡ. ଚିତ୍ତରଞ୍ଜନ ମହାନ୍ତିଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ୨୦୨୧ ବର୍ଷ ପାଇଁ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରଠାରେ ଏକାଡେମୀର ସଭାପତି ହୃଷୀକେଶ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗଦେଇ ଡ. ମହାନ୍ତିଙ୍କୁ ମାନପତ୍ର, ଉପଢୌକନ ଓ ଏକ ଲକ୍ଷ ଟଙ୍କାର ମାନରାଶି ଦେଇ ସମ୍ମାନିତ କରିଥିଲେ। ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ ମୁଖ୍ୟ ଅତିଥି ରୂପେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଡ. ମହାନ୍ତିଙ୍କ ଏହି ସଫଳତା ପାଇଁ ତାଙ୍କୁ ପୂର୍ବତନ ଏମ୍‌ପି ରୀତା ତରାଇ, ଯାଜପୁରର ପ୍ରାକ୍ତନ ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ ମିହିର ପ୍ରସାଦ ମହାନ୍ତି, ଡ. ବିଜୟ କୁମାର ଶତପଥୀ, ସ୍ତମ୍ଭକାର ଡ. ପୁରୁଷୋତ୍ତମ ବିଶ୍ୱାଳ, ଆଇନଜୀବୀ ସନ୍ତୋଷ ତରାଇ, ଯାଜପୁର ଲେଖକ ସମ୍ମେଳନ ସଭାପତି ରୁଦ୍ରନାରାୟଣ ପୃଷ୍ଟି, ଖବରଦାତା ସର୍ବଶ୍ରୀ ଅଖିଳ ଜେନା, ବିବେକାନନ୍ଦ ରାୟ, ମାନସ ରଞ୍ଜନ ଜେନା, ରଞ୍ଜିତ ରାଉତ, ଶିକ୍ଷୟିତ୍ରୀ ଅର୍ପିତା ପଟ୍ଟନାୟକ, ଯୁବ ସାମାଜିକ କର୍ମୀ ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି, ଡ. ସୁମନ କଲ୍ୟାଣ ବେହେରା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।


ସାହିତ୍ୟିକ ଡ. ଚିତ୍ତରଞ୍ଜନ ମହାନ୍ତିଙ୍କୁ ଅତିଥି ସମ୍ମାନିତ କରୁଛନ୍ତି।

# ଭତ୍ତା ଟଙ୍କା ପାଇଁ ୧୧ କି.ମି. ଚାଲିଲେ ବୃଦ୍ଧ


ଗୋକୁଳି ବଳ

ଆଳି,୯।୫(ଡି.ଏନ.ଏ.)

ଭତ୍ତା ହିତାଧିକାରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଯୋଗାଣ ବ୍ୟବସ୍ଥା ହେବା ଦିନରୁ ସେମାନେ ଭତ୍ତା ପାଇବାରେ ଅସୁବିଧା ଭୋଗ କରୁଥିବା ଦେଖିବାକୁ ମିଳୁଛି। ଏଭଳି ଏକ ଚିତ୍ର ମଙ୍ଗଳବାର ଆଳି ବ୍ଲକରେ ଦେଖିବାକୁ ମିଳିଥିଲା। ଆଳି ବ୍ଲକ ଅନ୍ତର୍ଗତ କୋଳିଡିହ ପଞ୍ଚାୟତର ଗୋକୁଳି ବଳ(୮୬) ୬ ମାସ ହେବ ଭତ୍ତା ଟଙ୍କା ପାଇ ନ ଥିବାରୁ ଅସୁବିଧା ହେଉଥିଲା। ଫଳରେ ଗୋକୁଳି ନିଜ ପଞ୍ଚାୟତରୁ ୧୧ କିଲୋମିଟର ଦୂରରେ ଥିବା ଆଳି ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓଙ୍କୁ ଭତ୍ତା ବାବଦରେ ଅଭିଯୋଗ କରିଥିଲେ। ଏପରିକି ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ ୭୦୦ ଟଙ୍କା ଦେବାର ବ୍ୟବସ୍ଥା ରହିଛି। ଗୋକୁଳିଙ୍କୁ ୮୬ ବର୍ଷ ହୋଇଥିଲେ ମଧ୍ୟ ତାଙ୍କୁ ୫୦୦ ଟଙ୍କା ମିଳୁଥିବା ନେଇ ସେ ସୂଚନା ଦେଇଛନ୍ତି। ବିଡିଓ ଦ୍ୱିବେନ୍ଦୁ ଦାସ ବୃଦ୍ଧ ଗୋକୁଳିଙ୍କ ଅଭିଯୋଗ ପାଇବା ପରେ ସେ କିପରି ଟଙ୍କା ପାଇବେ ତା'ର ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯେହେତୁ ଏବେ ହିତାଧିକାରୀଙ୍କ ଆକାଉଣ୍ଟକୁ ସିଧାସଳଖ ଭତ୍ତା ଟଙ୍କା ଦିଆଯିବା ବ୍ୟବସ୍ଥା ହୋଇଛି ତେଣୁ ଏହି ସମସ୍ୟା ଆସୁଛି ବୋଲି ସେ ସୂଚନା ଦେଇଛନ୍ତି।

# ଘଡ଼ଘଡ଼ି ସହ ବର୍ଷା

ଧର୍ମଶାଳା,୯।୫(ଡି.ଏନ.ଏ.):

ଧର୍ମଶାଳା ବ୍ଲକର ୧୦ ପଞ୍ଚାୟତରେ ମଙ୍ଗଳବାର ଲଘୁଚାପ ଯୋଗୁ ଏକ ଘଣ୍ଟା ଧରି ଘଡ଼ଘଡ଼ି ସହ ବର୍ଷା ହୋଇଛି। ଫଳରେ ଏହି ୧୦ଟି ପଞ୍ଚାୟତରେ ଗ୍ରୀଷ୍ମପ୍ରବାହ ହ୍ରାସ ପାଇଛି। ଅପରାହ୍ନ ୩ଟାରେ ବ୍ଲକ୍‌ର ଉତ୍ତରପ୍ରତାପ, ଦେଓଦା, ମଙ୍ଗଳପୁର, ଅରାବଳ, ପାଟପୁର, ମିର୍ଜାପୁର, କୋଟପୁର, ପଟୁଣିଆ, ଅରେଇକଣା ଓ କଦମପାଳ ଆଦି ପଞ୍ଚାୟତରେ ଘଡ଼ଘଡ଼ି ସହ ବର୍ଷା ହେବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଲୋକନାଥ


@ ପ୍ରେମାଂଶୁ


@ ପିଣ୍ଟୁ


@ ରୁଦ୍ରନାରାୟଣ


@ ସୁରଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।




ଯାଜପୁର ଜିଲା ବଡ଼ଚଣା ବ୍ଲକ ବନ୍ଦାଳ ପଞ୍ଚାୟତରେ ମଙ୍ଗଳବାର ଅପରାହ୍ନରେ ହୋଇଥିବା କାଳବୈଶାଖୀରେ ଏକ କୁକୁଡ଼ା ଫାର୍ମ ମାଟିରେ ମିଶିଯାଇଥିବା ବେଳେ ଏକ ଗାଡ଼ି ଓଲଟି ପଡିଛି। ନିର୍ମାଣାଧୀନ ଘର ଭାଙ୍ଗିଯାଇଛି।

# କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

## ଭାଙ୍ଗିଲା ଘର, ଉପୁଡ଼ିଲା ଗଛ

ଚଣ୍ଡିଖୋଲ,୯।୫(ଡି.ଏନ.ଏ.):

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ଦାଳ ପଞ୍ଚାୟତରେ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ବର୍ଷା ଓ ପବନର ବେଗ ଏତେ ଅଧିକ ଥିଲା ଯେ, ବହୁ ବଡ଼ବଡ଼ ଗଛ ଉପୁଡ଼ିବା ସାଙ୍ଗକୁ ଘର ଦ୍ୱାର ନଷ୍ଟ ହୋଇଯାଇଛି। ବନ୍ଦାଳ ପଞ୍ଚାୟତର ହାଟକରନ୍ଦା ଓ ଜଗନ୍ନାଥପୁର ଗ୍ରାମରେ ବହୁ କଚା ଓ ଆଜବେଷ୍ଟସ ଘର ଭାଙ୍ଗିଯାଇଛି। ହାଟକରନ୍ଦା ଗ୍ରାମର ଉଦୟ ନାଥ ରାଉତଙ୍କ କୋଠାଘର ଉପର ମହଲା ନିର୍ମାଣାଧୀନ ଥିବାବେଳେ ତାହା ଭାଙ୍ଗିଯାଇଛି। ଜଣେ ବ୍ୟକ୍ତିଙ୍କ କୁକୁଡା ଫାର୍ମ ମାଟିରେ ମିଶିଯାଇଛି। କେତେକ ଗାଡ଼ି ଓଲଟି ପଡ଼ିଛି। ସେହିପରି ଜାତୀୟ ରାଜପଥ ୧୬ନଂ.ର କଡ଼େଇ ଛକଠାରୁ ବନ୍ଦାଳୋ ପର୍ଯ୍ୟନ୍ତ ରାସ୍ତା କଡ଼ରେ ଥିବା ବହୁ ଗଛ ଉପୁଡ଼ି ଯାଇଥିବା ଦେଖିବାକୁ ମିଳିଛି। ଚାଳ ଛପର ଓ ଆଜବେଷ୍ଟସ ଘରଗୁଡ଼ିକ ଭାଙ୍ଗିଯାଇଛି। ହାଟକରନ୍ଦା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଛାତ ଘର ଉପରେ ଗଛ ପଡି ଯିବାରୁ ଛାତ ଫାଟି ଯାଇଥିବା ଶୁଣିବାକୁ ମିଳିଛି। ତୁରନ୍ତ ସରକାରୀ ଅଧିକାରୀ ତଦନ୍ତ କରି କ୍ଷୟକ୍ଷତି ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

